Odisha Legislative Assembly

# ଦ୍ୱିତୀୟ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୧୧ ଡିସେମ୍ବର ୨୦୨୪

----

**[କୃଷି ଓ କୃଷକ ସଶକ୍ତିକରଣ - ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ - ଶକ୍ତି - ସମବାୟ - ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଜ୍ଞାନ ଓ କାରିଗରୀ ].**

ମୋଟ ପ୍ରଶ୍ନର ସଂଖ୍ୟା - 196

----

### କଲୁଙ୍ଗା ଶିଳ୍ପାଞ୍ଚଳରେ ଥିବା ଶିଳ୍ପର ସଂଖ୍ୟା

2243 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ରାଉରକେଲାରେ ଥିବା D.I.C./MSME ସଂସ୍ଥା ଅଧିନରେ କେତୋଟି ଶିଳ୍ପ ପଞ୍ଜିକୃତ ଅଛି, କଲୁଙ୍ଗା ଶିଳ୍ପାଞ୍ଚଳରେ ବର୍ତ୍ତମାନ କେତୋଟି ଶିଳ୍ପ ବାସ୍ତବରେ ଚାଲୁଅଛି ଏବଂ କେତୋଟି ବନ୍ଦ ଅଛି ?

----

### ବିଦ୍ୟୁତ୍ ଯୋଗାଣ

2599 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː-ବଗତ ତାରକା ଚିହ୍ନିତ ପ୍ରଶ୍ନର ସଂଖ୍ୟା - ୪୨ dat 03-12-2021 ମଧ୍ୟ ଉତ୍ତର ଅନୁ ପ୍ରରିଶ୍ରେକ୍ଷୀରେ ଜଟଣୀ ସ୍ଥିତ, ଇଲେକ୍ଟ୍ରୀ ବିଭାଗ ତଥା FEDCO ଅଧିନରେ ନୂତନ Current Supply ପାଇବାକୁ I.Bord ଆବେଦନ କରି କେବଳ Enrollment Ticket no- 4645/did. 09-06-2017 ରେ allotment ହେବାର ସହ ଆଦେଶ ଅନୁଯାୟୀ ଅନୁଯାୟୀ ନୂତନ Metor Connection ପାଇଁ ତଥା testing ଜନିତ ଅର୍ଥ M.R.M 804114 ରେ ତଥା ଆବଶ୍ୟକୀୟ ଅର୍ଥ ପୈଠ କରିମଧ୍ୟ ଏଯଆବତ୍ ଆବେଦନ କାରୀଙ୍କୁ New Connection ନଦେବାର କାରଣ କଣ କିପରି ଉପରୋକ୍ତ ଖାତା, ମୌଜା ଓ ପ୍ଲଟରେ ଅନେକ applicant ଙ୍କୁ Current Supply କରାଯାଇ ପ୍ରଦାନ କରିବେ କି ?

----

## ବଲାଙ୍ଗିର ଜିଲ୍ଲାରେ ଥିବା ସରକାରୀ ବୟନଶିଳ୍ପ ଅନୁଷ୍ଠାନ

3063 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି)ː**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ବଲାଙ୍ଗିର ଜିଲ୍ଲାରେ କେଉଁ କେଉଁ ସ୍ଥାନରେ ସରକାରୀ ବୟନ ଶିଳ୍ପ ଅନୁଷ୍ଠାନ ଅବସ୍ଥିତ ; କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରୁ ପ୍ରତିବର୍ଷ ହଜାର ହଜାର ଟନର ଉଚ୍ଚକୋଟୀର କପା ଉତ୍ପାଦନ କରାଯାଇ ସ୍ଥାନୀୟ ଅଞ୍ଚଳରେ କୌଣସି ବୟନ ଶିଳ୍ପ ପ୍ରତିଷ୍ଠାନ ବା ସୂତାକଳ ନଥିବାରୁ ଚାଷୀମାନେ ବାଧ୍ୟ ହୋଇ କମ୍ ମୂଲ୍ୟରେ ଅନ୍ୟତ୍ର ବିକ୍ରି କରୁଥିବାରୁ ସରକାର ଅବଗତ ଅଛନ୍ତି କି ; (ଖ) ଅଞ୍ଚଳର ଚାଷୀଙ୍କ ବୃହତ୍ ସ୍ୱାର୍ଥକୁ ଗୁରୁତ୍ୱ ଦେଇ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଏକ ସରକାରୀ ବୟନ ଶିଳ୍ପ ପ୍ରତିଷ୍ଠାନ/ସୂତାକଳ ସ୍ଥାପନ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି?

----

## T.D. Loss କୁ ନିୟନ୍ତ୍ରିତ କରିବା

3064 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି)ː**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ଓଡିଶା ରାଜ୍ୟରେ 2020 ମସିହାରୁ ଆଜି ପର୍ଯ୍ୟନ୍ତ ପ୍ରତି ବର୍ଷ ବିଜୁଳି ବିଭାଗରେ ମୋଟ T.D. Loss କେତେ, ଏହାର ବର୍ଷୱାରୀ ଗୋଟିଏ ତାଲିକା ପ୍ରଦାନ କରିବେ କି ; (ଖ) ଏହି T.D. Loss ଦ୍ୱାରା ପ୍ରତି ବର୍ଷ କେତେ ଅର୍ଥ ରାଜସ୍ୱ ହାନି ହୁଏ ଓ ହେଉଥିବା ରାଜସ୍ୱ ହାନୀର ଭରଣା ପାଇଁ Odisha Electricity Regulatory Commission କଣ ପଦକ୍ଷେପ ଗ୍ରହଣ କରନ୍ତି ଓ ବର୍ତ୍ତମାନ T.D. Loss କୁ ନିୟନ୍ତ୍ରିତ ବା କମ୍ କରିବା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ନୂତନ ଶୀତଳ ଭଣ୍ଡାର ପ୍ରତିଷ୍ଠା

3065 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ː**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୂତନ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି କି ; ବାଲେଶ୍ୱର ଜିଲ୍ଲାରେ କେଉଁ ସ୍ଥାନରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ହେବ, ସେଥିପାଇଁ ଜାଗା ଚିହ୍ନଟ କରାଯାଇଛି କି ; ଶୀତଳ ଭଣ୍ଡାର ପାଇଁ କେତେ ଅର୍ଥ ଖର୍ଚ୍ଚ ହେବ ଏବଂ କେବେ ତାହା ଆରମ୍ଭ ହୋଇ ଶେଷ ହେବ ଓ ଏହା କିପରି ପରିଚାଳନା କରାଯିବ?

----

## ବିଦ୍ୟୁତ୍ ଭିତ୍ତିଭୂମୀ କ୍ଷୟକ୍ଷତି

3066 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ଟାଟା ପାୱାର ଓଡିଶାକୁ ଆସିବା ବେଳେ ସମଗ୍ର ଓଡିଶାର Existing ବିଦ୍ୟୁତ୍ ଭିତ୍ତିଭୂମି ପାଇଁ କେତେ ଅର୍ଥ ପ୍ରଦାନ କରିଥିଲା ; ଏଯାବତ୍ କେତେ ଅର୍ଥ ଉପାର୍ଜନ କରିଛି ଓ କେତେ ଅର୍ଥ invest କରିଛି ଏବଂ TPNODL ଆସିବା ଦିନଠୁଁ ଆଜି ଯାଏଁ କେତେ ଅର୍ଥ CSR ରେ କେଉଁ ସ୍ଥାନରେ କେଉଁ project ପାଇଁ ଖର୍ଚ୍ଚ କରିଛନ୍ତି ତାହାର ଏକ ସବିଶେଷ ବିବରଣୀ ପ୍ରଦାନ କରିବେ କି ; (ଖ) ବାତ୍ୟା ଦାନାରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ବିଦ୍ୟୁତ୍ ଭିତ୍ତିଭୂମି କ୍ଷୟକ୍ଷତି ହୋଇଥିବା ବେଳେ ଏହା ପାଇଁ କେତେ ଅର୍ଥ ସରକାର ମଂଜୁର କରିଛନ୍ତି ଏବଂ ଉକ୍ତ ଅର୍ଥରେ କେଉଁ ସ୍ଥାନରେ କି ପ୍ରକଳ୍ପ ହେବା ପାଇଁ ସ୍ଥିର ହୋଇଛି?

----

## Establish a dedicated Silver Filigree Hub

3067 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ଃ**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(a) Whether the government has any plans to establish a dedicated Silver Filigree Hub within the city of Cuttack, aimed at encouraging local artisans, increasing revenue and enhancing the silver filigree craft; (b) If a dedicated land will be allocated for the Hub, including facilities for both manufacturing and retailing of silver filigree artwork, to provide artisans with a platform to showcase and sell their products; what steps will be taken to encourage the growth to the silver filigree industry and increase the number of artisans working in this field?

----

## Supplied of Wheat to ration card holders

3068 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(a)Why has wheat not been supplied to ration card holders till date, despite the announcement made in the last assembly session; (b) By when can ration card holders expect the wheat supply to commerce and what is the planned ratio of rice and wheat to be supplied to ration card holders under the Public Distribution System (PDS)?

----

## ଖାଦ୍ୟ ସାମଗ୍ରୀ ବଣ୍ଟନ ଉପକେନ୍ଦ୍ର ସ୍ଥାପନ

3069 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରେଙ୍ଗାଲୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧନକଉଡା ବ୍ଲକର ବଳବସପୁର ଗ୍ରାମର ଗରିବ ଖାଉଟିମାନଙ୍କୁ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ଖାଦ୍ୟ ସାମଗ୍ରୀ ଗ୍ରହଣ କରିବା ପାଇଁ ପ୍ରାୟ ୨ କିଲୋମିଟର ଦୂରରେ ସ୍ଥାପନ କରାଯାଇଥିବା କିଲାସମା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ବଣ୍ଟନ କେନ୍ଦ୍ରକୁ ଯିବାକୁ ପଡୁଛି ଯେଉଁଥିପାଇଁ ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ମଧ୍ୟ ପଡୁଛି ; ଏଣୁ ବଳବସପୁର ଗ୍ରାମରେ ଖାଦ୍ୟ ସାମଗ୍ରୀ ବଣ୍ଟନ ଉପକେନ୍ଦ୍ର ସ୍ଥାପନ କରିବେ କି?

----

## କୃଷି ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା

3070 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚିପିଲିମା ଅଞ୍ଚଳରେ ଅବା କୃଷି ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ପ୍ରଦାନ କରିବେ କି

----

## କୃଷି ବିଭାଗ ଦ୍ୱାରା ଅନୁଦାନ ପ୍ରଦାନ

3071 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ କୃଷି ବିଭାଗ ଦ୍ୱାରା ୨୦୧୯ ଠାରୁ ୨୦୨୪ ପର୍ଯ୍ୟନ୍ତ କେଉଁ କେଉଁ ପଞ୍ଚାୟତରେ କେତେ ଅନୁଦାନ ରାଶି କେଉଁ କେଉଁ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଅଛି ?

----

## ମୁଗ, ବିରି, ବାଦାମ ଚାଷ ପାଇଁ ଅନୁଦାନ

3072 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାସୁଦେବପୁର ନିର୍ବାଚନ ମଣ୍ଡଳୀ ପରିସରରେ ସର୍ବମୋଟ କୃଷି ଜମିର ପରିମାଣ କେତେ, କେତେ ପରିମାଣ ଜମିରେ କେଉଁ କେଉଁ ହିତାଧିକାରୀମାନେ ବିରି, ମୁଗ, ବାଦାମ ଚାଷ କରିଛନ୍ତି ଏବଂ ସେମାନଙ୍କୁ କେଉଁ କେଉଁ ଅନୁଦାନ ପ୍ରଦାନ କରାଯାଇଅଛି ?

----

## ଡାଲି, ଆଳୁ, ପିଆଜ ଉତ୍ପାଦନ

3073 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଓଡ଼ିଶାରେ ଧାନ ସମେତ ଡାଲି, ତୈଳବୀଜ ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ କେତେ ପରିମାଣରେ ଉତ୍ପାଦିତ ହେଉଛି , ଏହାର ଶସ୍ୟୱାରୀ ପରିମାଣ ଦର୍ଶାଇବା ସହିତ ଏଥିରୁ କେଉଁ କୃଷିଜାତ ଚାହିଦା ମେଣ୍ଟାଇବାରେ ସଫଳ ହେଉଛି ଏବଂ କେଉଁ କୃଷିଜାତ ସାମଗ୍ରୀ ଓଡିଶା ବାହାରକୁ ରପ୍ତାନି କରାଯାଉଛି, ଧାନ ସମେତ ତୈଳବୀଜ, ଡାଲି, ଆଳୁ, ପିଆଜ, ରସୁଣ, ଅଦା ଆଦି କେତେ ପରିମାଣରେ ଚାଷ କରାଯାଉଛି ଓ କେତେ ଉତ୍ପାଦନ ହେଉଛି ?

----

## ସୌରଶକ୍ତି ଉତ୍ପାଦନ ପାଇଁ ରାଜିନାମା

3074 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାରେ ସୌରଶକ୍ତି ଉତ୍ପାଦନ ପାଇଁ ଗତ ୧୦ବର୍ଷ ମଧ୍ୟରେ କେଉଁ କେଉଁ ସଂସ୍ଥା ସହ କେବେ ରାଜିନାମା ହୋଇଛି, ଏହି ରାଜିନାମା ଅନୁଯାୟୀ ଓଡିଶାରେ କେତେ ପରିମାଣର ସୌରଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି, ସୌରଶକ୍ତି ଉତ୍ପାଦନ ପରିମାଣ ଏବେ ଓଡିଶାରେ କେତେ ରହିଛି ଏବଂ ଏ କ୍ଷେତ୍ରରେ ଓଡିଶାର ସ୍ଥାନ ଦେଶରେ କେତେତମ ସ୍ଥାନରେ ରହିଛି ?

----

## ଡାଲି ଉତ୍ପାଦନରେ ଆତ୍ମନିର୍ଭରଶୀଳ

3075 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବାର୍ଷିକ କେତେ ହରଡ଼, ମୁଗ, ବିରି, କୋଳଥ, ମସୁର ଡାଲିର ଆବଶ୍ୟକତା ଥିଲାବେଳେ ରାଜ୍ୟରୁ କେଉଁ କିସମର କେତେ ଡାଲି ଉତ୍ପାଦିତ ହେଉଛି ଓ କେତେ ଡାଲି ଆମଦାନୀ ହେଉଛି, ଡାଲି ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ମନଇଚ୍ଛା ବିଦ୍ୟୁତ୍ ଦେୟ ଆଦାୟ

3076 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ଟାଟା ପାୱାରକୁ ପ୍ରଦାନ କରାଯିବା ପରେ ସେମାନେ ମାସର ଗୋଟିଏ ତାରିଖରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ମିଟର ରିଡିଙ୍ଗ୍ ନକରି ମନମୁଖି ଦୁଇ ମାସରେ ଥରେ ମିଟର ରିଡିଙ୍ଗ୍ କରି ମନଇଚ୍ଛା ବିଦ୍ୟୁତ୍ ଦେୟ ଧାର୍ଯ୍ୟ କରୁଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ ଏକ ନିର୍ଦ୍ଦିଷ୍ଟ ତାରିଖରେ ପ୍ରତିମାସରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ମିଟର ରିଡିଙ୍ଗ୍ ସମ୍ପାଦନ ପାଇଁ ସରକାର କି ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି ।

----

## ସୁନା ଗହଣା ଦୋକାନରେ ମାନକ ଓ ମାପକର ତ୍ରୁଟି

3077 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ)ঃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଗତ ଦୁଇ ବର୍ଷରେ ରାଜ୍ୟର କେଉଁ ସହରର କେଉଁ ସୁନା ଗହଣା ଦୋକାନରେ ମାପକ ଓ ମାନକରେ ତ୍ରୁଟି ଧରାଯାଇ ସେମାନଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ପ୍ରକାଶ କରି ରାଜ୍ୟର ସୁନାଗହଣା ଦୋକାନ ମାନଙ୍କରେ ବ୍ୟାପକ ମାନକ ଓ ମାପକରେ ତ୍ରୁଟି କରାଯାଇ ଗ୍ରାହକ ଶୋଷଣ କରାଯାଉଥିବା ପରିପ୍ରେକ୍ଷୀରେ ଏହାର ପ୍ରତିକାର ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## Establish an Agricultural University at Balangir

3078 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର)ঃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

whether the Government has any proposal to establish an Agricultural University in Balangir district of Odisha , 1. if so, the timeline and details thereof, whether any assessment has been made regarding the potential benefits to local farmers and agricultural development in Western Odisha & if not, whether the Government would consider this proposal given Balangir's predominantly agrarian economy and the need for advanced agricultural education and research in the region ?

----

## Operate the Sugar Mill

3079 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର)ঃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

Whether the Government has taken any steps to revive the Sugar Mill operated previously by Byayananda Co-operative, will the Government provide details of action taken, if not, why not and what plans does the Government have to help Sugarcane farmers of Bolangir in the future?

----

## Functioning of the PDS System

3080 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः-

Whether the Government has identified any irregularities in the functioning of the PDS System in Odisha, if so, the details of such irregularities reported during the last three years, districtwise, the corrective measures taken to ensure transparency and curb leakages in PDS and Whether the Government has any proposal to strengthen the monitoring mechanism and if so, the details thereof?

----

## OSCB ଦ୍ୱାରା ଅଣ କୃଷି ଋଣ ଜନିତ ପ୍ରଦାନ

3081 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଅଧିନରେ କେତେଗୋଟି Branch କାର୍ଯ୍ୟରତ,ଏହି ବ୍ୟାଙ୍କର କର୍ମଚାରୀମାନଙ୍କୁ ମାସିକ ବେତନଭାବେ କେତେ ଅର୍ଥ ପ୍ରଦାନ କରାଯାଇଥାଏ, ବିଗତ 10 ବର୍ଷରେ OSCB ଦ୍ୱାରା କେତେ ଅଣ କୃଷି ଋଣ ପ୍ରଦାନ କରାଯାଇଅଛି ଏବଂ ଏହାଦ୍ୱାରା କେତେ ଲାଭପ୍ରାପ୍ତି ହୋଇଛି ?

----

## ଧାନ କ୍ରୟ ନିମନ୍ତେ କମିଶନ

3082 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ବିଗତ 10 ବର୍ଷରେ ରାଜ୍ୟରେ PACS/LAMPS/SHG/Panipanchayat/FSCS ଧାନ କ୍ରୟ ନିମନ୍ତେ କେତେ ଟଙ୍କା କମିଶନ ଆକାରରେ ପାଇଛନ୍ତି, ଏହି କମିଶନ ଟଙ୍କାରୁ OSCB and DCCB କେତେ ଟଙ୍କା କାଟି ନିଜ ପାଖରେ ରଖିଛନ୍ତି, OSCB and DCCB, PACS/LAMPS commission ରୁ ଟଙ୍କା କାଟି ରଖିବା ପାଇଁ ସରକାରଙ୍କ କେଉଁ ନିୟମ ରହିଛି?

----

## କାର୍ଯ୍ୟରତ RMC ର ଆୟ ବ୍ୟୟ

3083 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ରାଜ୍ୟରେ କେତେଗୋଟି RMC କାର୍ଯ୍ୟରତ ଅଛି, ବିଗତ 10 ବର୍ଷରେ ପ୍ରତ୍ୟେକ RMC ର ଆୟ ଓ ବ୍ୟୟ ର ହିସାବ ମୁଣ୍ଡପିଛା ଓ ବର୍ଷୱାରୀ ପ୍ରଦାନ କରିବେକି?

----

## ଶବ ଦାହରେ ଗୋବର ଘସି ବ୍ୟବହାର

3084 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଶବ ଦାହ ପାଇଁ ଗୋବର ଘସି କାଠ ଉତ୍ପାଦନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ସୌର ଶକ୍ତି ମାଧ୍ୟମରେ ବିଦ୍ୟୁତ୍ ସଂଗ୍ରହ

3085 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ ରାଜ୍ୟରେ ଶିଳ୍ପ, ଖଣି, ବ୍ୟବସାୟିକ ପ୍ରତିଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ଘରୋଇ ଉପଭୋକ୍ତାମାନେ କେତେ ଶକ୍ତି ବ୍ୟବହାର କରିଛନ୍ତି ତାହାର ବର୍ଷୱାରୀ ବିବରଣୀ ଦର୍ଶାଇ ପ୍ରତ୍ୟେକ ସଂସ୍ଥା ପକ୍ଷରୁ ସୌର ଶକ୍ତି ମାଧ୍ୟମରେ ଶକ୍ତି ସଂଗ୍ରହ ବ୍ୟବସ୍ଥା ପ୍ରବର୍ତ୍ତନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଚାଷୀମାନଙ୍କୁ ତାଲିମ ଦେବା

3086 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାଷୀମାନଙ୍କୁ ଦୂର ନିରନ୍ତର ଶିକ୍ଷା ବ୍ୟବସ୍ଥାରେ ତାଲିମ ଦେବା ପାଇଁ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ ଅନ୍ତର୍ଭୁକ୍ତ

3087 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବର୍ତ୍ତମାନସୁଦ୍ଧା ଓଡିଶାର କେତେଜଣ ଘରୋଇ ଉପଭୋକ୍ତା ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆବେଦନ କରିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଘରେ ଏହି ଯୋଜନାରେ Solar connection କାର୍ଯ୍ୟକାରୀ ହୋଇସାରିଲାଣି ଏହାର ଜିଲ୍ଲାୱାରୀ ତଥ୍ୟ ଦେବେକି?

----

## ଖାଦ୍ୟ ସୁରକ୍ଷା ଯୋଜନାରେ ଗହମ ଯୋଗାଣ

3088 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଖାଦ୍ୟ ସୁରକ୍ଷା ଯୋଜନାରେ ରାସନକାର୍ଡଧାରୀଙ୍କୁ ମାସ ପିଛା କେତେ ପରିମାଣର ଗହମ କେଉଁ ମାସରୁ ଦିଆଯିବ, ଏଥିପାଇଁ ରାଜ୍ୟ ସରକାର କେଉଁ ରାଜ୍ୟରୁ ଗହମ କିଣିବାକୁ ବ୍ୟବସ୍ଥା କରିଛନ୍ତି, ସବୁ ଉପଭୋକ୍ତାକୁ ଗହମ ପ୍ରଦାନ କଲେ ମାସକୁ କେତେ ଗହମ ଆବଶ୍ୟକ ହେବଏବଂଏହି ଗହମ କିଣିବା ପାଇଁ କେତେ ଅର୍ଥ ଖର୍ଚ୍ଚ ହେବ, ଚାଉଳ ବଦଳରେ ଗହମ ପ୍ରଦାନ ପାଇଁ ଯେଉଁ ନିଷ୍ପତ୍ତି ହୋଇଛି ଏହା ଫଳରେ ରାଜ୍ୟ ସରକାରଙ୍କ ଉପରେ କେତେ ଅଧିକ ଆର୍ଥିକ ବୋଝ ପଡିବ ତାହାର କୌଣସି ଆକଳନ ହୋଇଛି କି?

----

## ସରକାରୀ କାର୍ଯ୍ୟାଳୟରେ ସୌରଶକ୍ତି ଦ୍ୱାରା ଉତ୍ପାଦନ

3089 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ସରକାରୀ କାର୍ଯ୍ୟାଳୟ ମାନଙ୍କରେ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ ଉତ୍ପାଦନ ବ୍ୟବହାର ସହ ଏଠାରେ ଶକ୍ତି ଅପଚୟ ରୋକିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ମୃତ୍ତିକା ପରୀକ୍ଷା

3090 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ମୃତ୍ତିକା ପରୀକ୍ଷାକରି ଜମି ଅନୁରେକ ବିହନ ଓ ସାରପ୍ରୟୋଗ ସମ୍ପର୍କରେ ଚାଷୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଚାଷ ଜମିର ଖରିଫ ଓ ରବି ଚାଷ

3091 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କେନ୍ଦୁଝର ଜିଲ୍ଲା ସହ ରାଜ୍ୟର କେଉଁ ଜିଲ୍ଲାରେ ମୋଟ୍ ଚାଷ ଜମି ମଧ୍ୟରୁ କେତେ ଶତାଂଶ ଜମିରେ ଖରିଫ୍ ଓ ରବି ଫସଲ ଚାଷ ହେଉଛି ଓ କେତେ ଜମି ଚାଷ ନ ହୋଇ ପଡ଼ିଆ ପଡୁଛି, ଉକ୍ତ ଜମିରେ ଆନ୍ଧ୍ରପ୍ରଦେଶ ମଡ଼େଲକୁ ଅନୁସରଣ କରି ବର୍ଷବ୍ୟାପୀ ଖରିଫ୍ ଓ ରବି ଫସଲ ଚାଷ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଗ୍ରାମ ଓ ପଡ଼ା ଗ୍ରାମକୁ ବିଦ୍ୟୁତ ସଂଯୋଗ

3092 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- କେନ୍ଦୁଝର ଜିଲ୍ଲାସହ ରାଜ୍ୟର କେଉଁ ଜିଲ୍ଲାର ମୋଟ୍ ଗ୍ରାମ ଓ ପଡ଼ାଗ୍ରାମ ମଧ୍ୟରୁ କେତେ ଗ୍ରାମ ଓ ପଡ଼ାଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି, କେତେ ଗ୍ରାମ ପଡ଼ା ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ, ପ୍ରକାଶ କରି ରାଜ୍ୟର ସମସ୍ତ ଗ୍ରାମ ଓ ପଡ଼ା ଗ୍ରାମକୁ କେବେସୁଦ୍ଧା ବିଦ୍ୟୁତ୍ ସଂଯୋଗ ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ଓ ଏଥିପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ସମବାୟ ସମିତି ଦ୍ୱାରା ଋଣ ପ୍ରଦାନ

3093 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː-

କେନ୍ଦୁଝର ଜିଲ୍ଲାରେ ଥିବା ବିଭିନ୍ନ ସମବାୟ ସମିତିରୁ ୨୦୧୫ ମସିହାଠାରୁ ଆଜିପର୍ଯ୍ୟନ୍ତ କେତେ ଜଣ ଚାଷୀ କେତେଟଙ୍କା ଋଣ ନେଇଛନ୍ତି ସେମାନଙ୍କର ନାମ, ଠିକଣା, ଆର୍ଥିକ ବର୍ଷ, ଋଣର ପରିମାଣ, ସୁଧର ପରିମାଣ ଓ ଏହାର ସ୍ଥିତି ସମ୍ପର୍କରେ ବର୍ଷୱାରୀ ତଥ୍ୟ ପ୍ରଦାନ କରିବେ କି ; କେତେ ଚାଷୀଙ୍କର ଋଣ ଛାଡ଼ ହୋଇଛି ସେମାନଙ୍କର ନାମ, ଠିକଣା, ଛାଡ଼ ହୋଇଥିବା ଟଙ୍କାର ପରିମାଣ ବର୍ଷୱାରୀ ତଥ୍ୟ ପ୍ରଦାନ କରିବେ କି; କୃଷକମାନଙ୍କ କଲ୍ୟାଣ ନିମନ୍ତେ ସରକାର କି କି ଯୋଜନା ପ୍ରଣୟନ କରିଛନ୍ତି ଓ ଭବିଷ୍ୟତରେ କେଉଁ ଯୋଜନା ପ୍ରଣୟନ କରିବାର ଲକ୍ଷ୍ୟ ରଖିଛନ୍ତି ?

----

## ସମବାୟ ସମିତିରେ ସ୍ୱତନ୍ତ୍ର ଅଡ଼ିଟ ହେବା

3094 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ୨୦୧୪ -୧୫ ଆର୍ଥିକ ବର୍ଷ ପରଠାରୁ କେନ୍ଦୁଝର ଜିଲ୍ଲାର କେଉଁ କେଉଁ ସମବାୟ ସମିତିର Audit ରୁ କେତେ ଟଙ୍କାର ଦୁର୍ନିତୀ ଧରାପଡ଼ିଛି, ଏଥିପାଇଁ କେଉଁ କେଉଁମାନେ ଦାୟୀ ଓ ସେମାନଙ୍କ ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଜଣାଇବେ କି ; ସେହିପରି ଯେଉଁ ସମବାୟ ସଂସ୍ଥା ଗୁଡ଼ିକର ଲଗାତର ୩ ଟି ଆର୍ଥିକ ବର୍ଷର ଅଡ଼ିଟ ହୋଇନାହିଁ ସେମାନଙ୍କ ତଥ୍ୟ ପ୍ରଦାନ କରି ତାହାର ସ୍ୱତନ୍ତ୍ର ଅଡ଼ିଟ ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## e-KYC ଦ୍ୱାରା ବାଦ ପଡ଼ିଥିବା ହିତାଧିକାରୀ

3095 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː-

ଖାଦ୍ୟ ସୁରକ୍ଷା ଯୋଜନା ଦ୍ୱାରା ଲୋକଙ୍କୁ ଖାଦ୍ୟରୁ ବଞ୍ଚିତ କରିବା ଏକ ଅମାନବୀୟ କାର୍ଯ୍ୟ ଏବଂ ଚିନ୍ତାଧାରା ଏହାର କରୁଣ ପରିସ୍ଥିତି କନ୍ଧମାଳ ଜିଲ୍ଲାରେ ଦେଖିବାକୁ ମିଳିଲା ଯେଉଁଠି ଠିକ ସମୟରେ ଚାଉଳ ନ ପାଇ ଦୁଇଜଣ ଗରିବ ଆଦିବାସୀ ବାଧ୍ୟହୋଇ ଆମ୍ବଟାକୁଆ ଯାଉ ଖାଇ ପ୍ରାଣ ହରାଇଲେ ଏବଂ ଅନ୍ୟ ଛ' ଜଣ ଗୁରୁତର ହୋଇ ଚିକିତ୍ସା ହୋଇଥିଲେ e-KYC ଆଳରେ ୧୫ ନଭେମ୍ବର ୨୦୨୫ ସୁଦ୍ଧା କେତେଜଣ ହିତାଧିକାରୀ NFSA/ SESSରୁ ବାଦପଡିଛନ୍ତି ; ଜିଲ୍ଲାୱାରୀ ବାଦ ପଡିଥିବା ହିତାଧିକାରୀ ଏବଂ କେଉଁ କାରଣ ଯୋଗୁଁ ବାଦ ପଡିଲେ ?

----

## Install of Solar Panels

3096 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(a) Whether scientific studies have been initiated to study the impact of erratic rains, cyclone and climate change on electricity generation both in renewable sector and hydropower generation sector. If so the details there of, if not the reasons there for; (b) Whether Govt. proposes to install solar panels in all government office-buildings throughout the state to provide additional boost to the development of renewable energy, if so the details thereof, if not the reasons there for?

----

## ପରିବାମଣ୍ଡି ସ୍ଥାପନ

3097 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଡ଼ମ୍ବା ନିର୍ବାଚନ ମଣ୍ଡଳୀର ବଡମ୍ବା ଓ ନରସିଂହପୁର ଠାରେ ପରିବା ମଣ୍ଡି ସ୍ଥାପନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଛି ?

----

## ବିଦ୍ୟୁତ ଦେୟ ପ୍ରଦାନ ନିମନ୍ତେ ବ୍ୟବସ୍ଥା

3098 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- Street light ଲାଗିଥିବା ଅଞ୍ଚଳ (ମନ୍ଦିର/ବିଜ୍ ଏବଂ ରାସ୍ତା ଲାଗିଥିବା ଲାଇଟ୍) ର ବିଦ୍ୟୁତ ଦେୟ ପ୍ରଦାନ ନିମନ୍ତେ କ'ଣ ବ୍ୟବସ୍ଥା ଅଛି, ଉକ୍ତ ବିଦ୍ୟୁତ ଦେୟ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବେ କି?

----

## ମିଲର ମାନଙ୍କ ଦାବୀ ପୂରଣ

**3099** **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କଷ୍ଟମ୍ ମିଲିଂ ଚାର୍ଜରେ ବୃଦ୍ଧି ଦିଗରେ, ପୁରୁଣା KMS ପାଇଁ ଧାନ ଏବଂ ଚାଉଳ ପାଇଁ ପରିବହନ ହାରରେ ବୃଦ୍ଧି,ଅଖା ତଥା ଗନୀ ବସ୍ତା ବ୍ୟବହାର ଚାର୍ଜରେ ବୃଦ୍ଧି, କଷ୍ଟୋଡି ଏବଂ ରକ୍ଷଣାବେକ୍ଷଣ ଚାର୍ଜରେ ବୃଦ୍ଧି,CMR ଉପରେ ୨୦ କିଗ୍ରା ଅତିରିକ୍ତ ନେବା ରଦ୍ଦ କରାଯିବା ପାଇଁ,ନିର୍ଦ୍ଦିଷ୍ଟ ଓଜନ ଅପେକ୍ଷା କମ୍ ଓଜନ ସହିତ ଜଟ ବ୍ୟାଗ ଯୋଗାଇ ଦିଆଯାଉଛି। ଆରଆରସିରେ ଚାଉଳ ଗ୍ରହଣ କରିବା ସମୟରେ ଗନି ବ୍ୟାଗଗୁଡିକର ପ୍ରକୃତ ଓଜନ ଲଟରୁ କାଟି ଦିଆଯିବା ଉଚିତ୍ ଏଥିପାଇଁ ଉପଯୁକ୍ତ ମାର୍ଗ ଦର୍ଶିକା ପ୍ରସ୍ତୁତ କରିବା ଦିଗରେ, ଧାନ ରସିଦ ତାରିଖରୁ CMR ବିତରଣ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ରହିବା ଉଚିତ, ସେହି ସମୟସୀମା ପରେ CMRର ଗୁଣବତ୍ତାରେ ଯେକୌଣସି ଅବନତି oscsc ର ଦାୟିତ୍ୱ ହେବା ନେଇ ଏବଂ ମିଲରମାନଙ୍କ କ୍ଷତି oscsc ଲିମିଟେଡ୍ ଭରଣ କରାଯିବା ନେଇ ମିଲର ମାନଙ୍କର ଦୀର୍ଘ ଦିନ ର ଦାବି ରହିଆସିଛି; ମିଲର ମାନଙ୍କର ଦାବି ଗୁଡିକ ଦିଗରେ କଣ ବିଚାର କରୁଛନ୍ତି ଆଉ ଏସବୁ ଦିଗରେ ସରକାରଙ୍କ କଣ ଯୋଜନା ରହିଛି ?

----

## ସମାବୟ ସମିତି ଅର୍ଥ ଆଦାୟ ଓ ଖର୍ଚ୍ଚ

**3100** **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାୟଗଡା ଜିଲ୍ଲା ତଥା ବିଷମକଟକ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଥିବା ସମବାୟ ସମିତି ଗୁଡିକର ଗତ ପାଞ୍ଚ ବର୍ଷର ଅଡ଼ିଟ୍ ତଥ୍ୟ ବ୍ଲକ ୱାରୀ ପ୍ରଦାନ କରିବା ସହ, କେଉଁ ସମବାୟ ସମିତିର ଗତ ଦଶ ବର୍ଷ ମଧ୍ୟରେ କେତେ ଜଣ ଚାଷୀଙ୍କୁ କେତେ ଟଙ୍କା ଋଣ ଦିଆଯାଇଛି, କେତେ ଜଣ ଚାଷୀ ନିୟମିତ ଭାବେ ଋଣ ପରିଶୋଧ କରୁଛନ୍ତି, କେତେ ଜଣ ଚାଷୀ ଆଦୌ ଋଣ ଟଙ୍କା ପରିଶୋଧ କରୁ ନାହାନ୍ତି, କେତେ ସମବାୟ ସମିତି କ୍ଷତିରେ ଚାଲିଛି, କେତେ ଲାଭରେ ଓ କେତେ ସନ୍ତୁଳିତ ଅବସ୍ଥାରେ ଚାଲିଛି, କେଉଁ ସମବାୟ ସମିତିର କେତେ ନିଜସ୍ୱ ସମ୍ପତ୍ତି ରହିଛି, କେଉଁ ସମବାୟ ସମିତିରୁ କେତେ ଆଦାୟ ହେଉଛି, କେତେ ଖର୍ଚ୍ଚ ହେଉଛି ଏ ସମସ୍ତ ବିଷୟର ତଥ୍ୟ ପ୍ରଦାନ କରିବା ସହ ରାୟଗଡା ଜିଲ୍ଲାପାଳଙ୍କ ସମବାୟ ବିଭାଗକୁ ନେଇ କରାଯାଇଥିବା ସର୍ବଶେଷ ସମୀକ୍ଷା ବୈଠକର ବିଭାଗ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ କରିବେ କି?

----

## ଖାଲିଥିବା ପଦବୀ ପୁରଣ

**3101** **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାୟଗଡା ଜିଲ୍ଲା ସମେତ ବିଷମକଟକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକ ମଧ୍ୟରେ ଥିବା କୃଷି ବିଭାଗ ଅନ୍ତର୍ଗତ ସେରିକଲଚର ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ,ଜଳଛାୟା ବିଭାଗ, ଉଦ୍ୟାନ ବିଭାଗ ମଧ୍ୟରେ କେତେ ପଦବୀ ଖାଲି ପଡିଛି, ବିଭାଗ ୱାରୀ, ବ୍ଲକ ୱାରୀ କେଉଁ ବିଭାଗର କେଉଁ କେଉଁ ଓ କେତୋଟି ପଦବୀ ଖାଲି ପଡିଛି, ସେ ଗୁଡିକ ପୂରଣ ପାଇଁ ସ୍ଥାୟୀ କିମ୍ବା ଆଉଟଶୋର୍ସିଙ୍ଗ ଜରିଆରେ ନିଯୁକ୍ତି ପାଇଁ ସରକାର କିଛି ଯୋଜନା କରୁଛନ୍ତି କି ଏବଂ କେବେ ସୁଦ୍ଧା ଏହି ସବୁ ପଦବୀ ପୂରଣ ହେବା ନେଇ ସରକାର ଲକ୍ଷ୍ୟ ରଖିଛନ୍ତି, ରାୟଗଡା ଜିଲ୍ଲାପାଳଙ୍କ କୃଷି ବିଭାଗକୁ ନେଇ କରାଯାଇଥିବା ସର୍ବଶେଷ ସମୀକ୍ଷା ବୈଠକର ବିଭାଗ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ କରିବେ କି?

----

## ବାତ୍ୟା ଦ୍ୱାରା ମତ୍ସ୍ୟ ଚାଷରେ କ୍ଷୟକ୍ଷତି

3102 **ଶ୍ରୀ ମାଧବ ଧଡା (ସୋରୋ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ବିଗତ ଦାନା ବାତ୍ୟା ପ୍ରଭାବ ରେ ମତ୍ସ୍ୟ ଚାଷରେ କ'ଣ କ୍ଷୟକ୍ଷତି ହୋଇଛି ଯଥା:- ଜାଲ, ଡ଼ଙ୍ଗା କିମ୍ବା ମତ୍ସ୍ୟଜୀବିଙ୍କର ସମ୍ପତ୍ତି ଓ ସେଗୁଡ଼ିକର କ୍ଷୟକ୍ଷତି ଭରଣା କରିବାର ବ୍ୟବସ୍ଥା ବିଭାଗ ଦ୍ୱାରା କ'ଣ କରାଯାଇଛି ; (ଖ) ସମୁଦ୍ରକୁ ଯେଉଁ ମତ୍ସ୍ୟଜୀବିମାନେ ଡ଼ଙ୍ଗା କିମ୍ବା ଲଞ୍ଚରେ ଯାଆନ୍ତି ସୋରୋ ଓ ବାହାନଗା ବ୍ଲକ ର ସେମାନଙ୍କର ସଂଖ୍ୟା (ଗ୍ରାମପଞ୍ଚାୟତ ୱାରୀ) କେତେ ଓ ସେମାନଙ୍କୁ ସରକାରଙ୍କର ସହାୟତା କ'ଣ ଓ ବିଗତ ପାଞ୍ଚବର୍ଷ ମଧ୍ୟରେ କେତେଜଣ ମତ୍ସ୍ୟଜୀବିଙ୍କୁ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ସରକାରୀ ସହାୟତା ଯଥା :- ଜାଲ, ଡ଼ଙ୍ଗା ଓ ଅନ୍ୟାନ୍ୟ ଆବଶ୍ୟକ ଉପକରଣ ପାଇଁ କ'ଣ ବ୍ୟବସ୍ଥା ହୋଇଛି ଓ କେତେଜଣ ମତ୍ସ୍ୟଜୀବିଙ୍କର ଆର୍ଥିକ ବ୍ୟବସ୍ଥା ସୁଧୁରିଯାଇଛି ; ସୋର, ବାହାନଗା ବ୍ଲକର ତଥ୍ୟ ଉପସ୍ଥାପନ କରିବେ କି ?

----

## ଫଳ ଓ ସବୁଜ ପନିପରିବା ଉପରେ ରାସାୟନିକ ଦ୍ରବ୍ୟ ବ୍ୟବହାର

3103 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ କର୍ତ୍ତୃପକ୍ଷ ଦ୍ୱାରା ହୋଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ, ସାଧାରଣ ଭାବେ ବ୍ୟବହୃତ ଫଳ ଓ ସବୁଜ ପନିପରିବାରେ ଅନୁମୋଦିତ ପରିମାଣ ଠାରୁ ହଜାରେ ଗୁଣ ଅଧିକ କୀଟନାଶକ ଔଷଧ ରହୁଛି, ଦେଶବ୍ୟାପୀ ବିକ୍ଷିପ୍ତ ଭାବେ ସଂଗୃହୀତ ନମୁନାରୁ ଏହାର ପ୍ରତ୍ୟେକ୍ଷ ପ୍ରମାଣ ମିଳିଛି ଓ ନିଷିଦ୍ଧ କୀଟନାଶକ ଚାଷରେ ପ୍ରୟୋଗ କରିବା ସହ ଅମଳ ପରେ ସତେଜ ରଖିବା ପାଇଁ ରାସାୟନିକ ଦ୍ରବ୍ୟର ପ୍ରଲେପ ମଧ୍ୟ କୀଟନାଶକ ଭଳି ଶରୀର ପାଇଁ ଅନୁରୂପ ଘାତକ ସାବ୍ୟସ୍ତ ହୋଇଛି ଓ ଏପରି ବିଷଯୁକ୍ତ ଖାଦ୍ୟ ପଦାର୍ଥର ବିକ୍ରି ଏବଂ ବାହାର ରାଜ୍ୟରୁ ଆସୁଥିବା ସାମଗ୍ରୀ ଉପରେ ଯାଞ୍ଚ କରିବା, ମାନ ନିର୍ଦ୍ଧାରଣ କରିବା ଏବଂ ଖାଦ୍ୟ ଅନୁପଯୋଗି ସାମଗ୍ରୀକୁ ନଷ୍ଟ କରିବା ଆଦି ବ୍ୟବସ୍ଥା ଆମ ରାଜ୍ୟରେ କିପରି ଅଛି?

----

## ଆଳୁ ଚାଷ ପାଇଁ ବିହନ ଯୋଗାଣ

**3104 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରୁ ଆଳୁ ସଂକଟ ଦୂର କରିବା ଏବଂ ଆଳୁ ଉତ୍ପାଦନରେ ଆତ୍ମନିର୍ଭର ହେବା ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଆଳୁ ମିସନ୍ ଅନୁଯାୟୀ ଅକ୍ଟୋବର ୧୪ରୁ ଚାଷୀଙ୍କୁ ଆଳୁ ବିହନ ଯୋଗାଣ ଆରମ୍ଭ ହୋଇ ନଭେମ୍ବର ତୃତୀୟ ସପ୍ତାହ ସୁଦ୍ଧା ସବୁ ସ୍ଥାନରେ ଆଳୁ ବିହନ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି; ଏହି କ୍ରମରେ ବାଲେଶ୍ୱର ଜିଲ୍ଲାରେ ଚଳିତ ବର୍ଷ କେତେ ହେକ୍ଟର ଜମିରେ ଆଳୁଚାଷ ପାଇଁ ଜିଲ୍ଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି, ମୁଖ୍ୟତଃ ଜିଲ୍ଲାର ଉତ୍ତର ବାଲେଶ୍ୱରରେ ଥିବା ୪ଗୋଟି ବ୍ଲକ୍ ବସ୍ତା, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକ୍‌ରେ ଆଳୁଚାଷ ନିମନ୍ତେ କଣ ପଦକ୍ଷେପ ନିଆଯାଇଛି ଓ ବିହନ ବଣ୍ଟନ କାର୍ଯ୍ୟ ସରିଯାଇଛି କି ନାହିଁ , ପ୍ରତି ହେକ୍ଟର ପିଛା କେତେ କୁଇଣ୍ଟାଲ ଆଳୁ ବିହନ ଚାଷୀ ମାନଙ୍କୁ ଯୋଗାଇ ଦିଆଯାଇଛି ?

----

## ବିଭିନ୍ନ ଯୋଜନାଦ୍ୱାରା OREDA ପାଇଥିବା ଅର୍ଥ

**3105 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କେନ୍ଦ୍ର ସରକାରଙ୍କ ଠାରୁ OREDA ବିଗତ 5 ବର୍ଷ ମଧ୍ୟରେ କେଉଁ କେଉଁ ଯୋଜନା ବାବଦରେ କେତେ ଅର୍ଥ ପାଇଛି ତାର ଏକ ବର୍ଷୱାରୀ ତାଲିକା ଦେବା ସହ କେଉଁ ବର୍ଷ କେଉଁ ଯୋଜନାରେ କେତେ ଅର୍ଥ ବ୍ୟୟ କରିଛି ଓ କେଉଁ କେଉଁ ଜିଲ୍ଲାରେ କେଉଁ କେଉଁ ବିଧାନସଭା ନିର୍ବାଚନମଣ୍ଡଳୀରେ କେଉଁ ଯୋଜନା ପାଇଁ କେତେ ଅର୍ଥ ବ୍ୟୟ ହୋଇଛି ?

----

## Water shed ଯୋଜନାରେ ଅର୍ଥ ଖର୍ଚ୍ଚ

**3106 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କ) ମୟୂରଭଞ୍ଜ ଜିଲ୍ଲାରେ 2019-20 ଠାରୁ 2023-24 Water shed ଯୋଜନାରେ କେତେ ଅର୍ଥ ଦିଆଯାଇଅଛି ଓ କେତେ ଅର୍ଥ ଖର୍ଚ୍ଚ ହୋଇଅଛି ତାର ବ୍ଲକ ୱାରୀ ତାଲିକା ଦେବେ କି ; Water shed ଯୋଜନା ମାଧ୍ୟମରେ କି କି project କରାଯାଉଅଛି ; (ଖ) Water shed ସଭାପତି କେତେ ବର୍ଷରେ ଚୟନ କରାଯାଏ ; ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ପଞ୍ଚାୟତୱାରୀ project ର ତାଲିକା ଦେବେ କି ?

----

## ସୌରଶକ୍ତି ଦ୍ୱାରା ରାସ୍ତା ଆଲୋକିକରଣ

**3107 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ରାଜ୍ୟ ଜାତୀୟ ରାଜପଥ ଓ ସେତୁଗୁଡିକରେ କେତେ ରାସ୍ତା ସୌର ଶକ୍ତିକରଣରେ ଆଲୋକିକରଣ କରାଯାଇଅଛି, ଯଦି ଉତ୍ତର ନା ହୁଏ, ତେବେ ରାସ୍ତାଗୁଡିକର ଆଲୋକିକରଣ କେବେସୁଦ୍ଧା ସାରିବେ ?

----

## ଯୋଗାଣ ସହାୟକ ମାନଙ୍କୁ ନିୟମିତ କରିବା

3108 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ପ୍ରତି ବ୍ଲକର ଯୋଗାଣ ସହାୟକ ନିଯୁକ୍ତି ହୋଇଛନ୍ତି ସେମାନଙ୍କ ପାରିଶ୍ରମିକ ତୁଳନାରେ ପାରିଶ୍ରମିକ ଅର୍ଥ ବହୁତ କମ୍ ଯୋଗୁଁ ପରିବାର ସହ ପ୍ରତିପୋଷଣ କଷ୍ଟଦାୟକ ଥିବା ସରକାର ଅବଗତ ଅଛନ୍ତି କି, ଯଦି ହଁ, ସେମାନଙ୍କୁ ନିୟମିତ କରାଇ ଉପଯୁକ୍ତ ପାରିଶ୍ରମିକ ଦେବା ଦିଗରେ ପଦକ୍ଷେପ ନେବେ କି ?

----

## ଭାଗଚାଷୀମାନେ ମଣ୍ଡିରେ ଧାନ ଦେବା

3109 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଭାଗଚାଷୀମାନେ ମଣ୍ଡିର ଧାନ ବିକ୍ରୀ କରିପାରିବା ପାଇଁ କି କି ବ୍ୟବସ୍ଥାମାନ କରାଯାଇଛି, (ଖ) ଭାଗଚାଷୀମାନଙ୍କ ଅଧିକାରର ସୁରକ୍ଷା ପାଇଁ ସରକାରଙ୍କର କିଛି ଯୋଜନା ଅଛି କି, ଯଦି ହଁ, ତାର ବିସ୍ତୃତ ବିବରଣୀ ଉପସ୍ଥାପିତ କରିବେ କି ?

----

## ଇ-କେୱାଇସି ଦ୍ୱାରା ନକଲି କାର୍ଡ ଜବତ

3110 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ଚାଲୁ ରହିଥିବା ଇ-କେୱାଇସି ଯାଞ୍ଚ ଜରିଆରେ ବର୍ତ୍ତମାନସୁଦ୍ଧା କେତେ ସଂଖ୍ୟକ ଭୂତ କାର୍ଡ ଧରାପଡିଛି ତାର ଏକ ଜିଲ୍ଲାୱାରୀ ତାଲିକା ଦେବେ କି, (ଖ) ଏହି ଯାଞ୍ଚ ପ୍ରକ୍ରିୟା କେବେସୁଦ୍ଧା ଶେଷ ହେବ ଓ ଦୀର୍ଘ ଦିନ ଧରି ଆବେଦନ କରି ଅପେକ୍ଷା କରିଥିବା ବ୍ୟକ୍ତିମାନଙ୍କୁ କେବେ ନୂଆ ରେସନ କାର୍ଡ ଯୋଗାଇ ଦିଆଯିବ ?

----

## ଦୁଗ୍ଧ ଉତ୍ପାଦନ ବୃଦ୍ଧି

3111 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟରେ ବର୍ତ୍ତମାନ ବାର୍ଷିକ ଦୁଗ୍ଧ ଉତ୍ପାଦନ ପରିମାଣ କେତେ ଓ ତାହା କେଉଁ ହାରରେ ବଢୁଛି ବା କମୁଛି ଏବଂ ଜାତୀୟ ହାର ତୁଳନାରେ ଓଡିଶାର ସ୍ଥିତି କଣ, ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ରାଜ୍ୟ ସରକାର କି ଯୋଜନା କରୁଛନ୍ତି, (ଖ) ଏବେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ଲାଗି ଓମଫେଡରେ କେତୋଟି unit ଅଛି ଓ ସେସବୁର ଉତ୍ପାଦନର କ୍ଷମତା କେତେ ଏବଂ ଆଉ କେତୋଟି unit କେଉଁଠାରେ ପ୍ରତିଷ୍ଠା କରିବା ଲାଗି ପଦକ୍ଷେପ ନିଆଯାଉଅଛି ଏବଂ ତତ୍ ଦ୍ୱାରା ମୋଟ ଉତ୍ପାଦନ କ୍ଷମତା କେତେ ବଢିବ, ରାଜ୍ୟରେ ଘରୋଇ ଉଦ୍ୟୋଗରେ କେଉଁ କେଉଁ ସଂସ୍ଥା କେତୋଟି ଦୁଗ୍ଧ ଉତ୍ପାଦନ unit ବସାଇଛନ୍ତି ଓ ସେସବୁର ଉତ୍ପାଦନ କ୍ଷମତା କେତେ, ଆଉ କେତୋଟି ଘରୋଇ ସଂସ୍ଥା ଏ କ୍ଷେତ୍ରରେ ପ୍ରବେଶ କରିବାକୁ ଯାଉଛନ୍ତି ?

----

## ଭାରତୀୟ କୃଷି ଉଦ୍ୟୋଗ ସମ୍ପର୍କରେ

3112 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭାରତୀୟ କୃଷି ଉଦ୍ୟୋଗ ଡିଜିଟାଲ ବିପ୍ଳବ ମାର୍ଗରେ ଅଗ୍ରଗତି ବିଷୟରେ ଅବଗତ ଅଛନ୍ତି କି ଓ ଉତ୍ତର ହଁ ହୋଇଥିଲେ ଏ ଦିଗରେ ରାଜ୍ୟରେ କଣ କରାଯାଉଅଛି ?

----

## ମାଣ୍ଡିଆ ଚାଷ ବୃଦ୍ଧି ପାଇଁ ପଦକ୍ଷେପ

3113 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର କେଉଁ କେଉଁ ଜିଲ୍ଲାରେ କେତେ ପରିମାଣ ଜମିରେ ମାଣ୍ଡିଆ ଚାଷ ଉତ୍ପାଦନ ହେଉଅଛି, କୋରାପୁଟ ଜିଲ୍ଲାରେ କେତେ ହେକ୍ଟର ଚାଷ ଜମିରେ ମାଣ୍ଡିଆ ଚାଷ ଉତ୍ପାଦନ ହେଉଛି, ମାଣ୍ଡିଆ ଚାଷର ଉତ୍ପାଦନ ହାର ବୃଦ୍ଧି କରିବା ସହ ଚାଷିଙ୍କୁ ପ୍ରୋତ୍ସାହିତ କରିବା ଲାଗି ମାଣ୍ଡିଆର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବା ପାଇଁ ପଦକ୍ଷେପ ନେବେ କି ?

----

## ଶିଳ୍ପ ସଂସ୍ଥା ଓ ଉଦ୍ୟୋଗ ଉପରେ ବିଦ୍ୟୁତ ବିଲ ବକେୟା

3114 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଦ୍ୟୁତ ଶୁଳ୍କ ବାବଦକୁ କେଉଁ କେଉଁ ଶିଳ୍ପ ସଂସ୍ଥା ଓ ଉଦ୍ୟୋଗଙ୍କ କେତେ ବକେୟା ଗଡୁଛି, ଗତ ୧୦ ବର୍ଷ ମଧ୍ୟରେ କେଉଁ କେଉଁ ଶିଳ୍ପ ସଂସ୍ଥାକୁ କେତେ ବିଦ୍ୟୁତ ଶୁଳ୍କ ଛାଡ କରାଯାଇଛି ?

----

## ଚିନି ଶିଳ୍ପରେ ଥିବା ସୁରା ଶିଳ୍ପ

3115 **ଶ୍ରୀ ସରୋଜ କୁମାର ପାଢି (ଆସ୍କା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଆସିକା ସମବାୟ ଚିନି ଶିଳ୍ପରେ ଥିବା ସୁରା ଶିଳ୍ପ ତଥା Bottling Plant ରେ ପ୍ରସ୍ତୁତ ଦେଶୀ ସୁରା "ASKA - 40" ଓଡିଶା ରାଜ୍ୟ ପାନୀୟ ନିଗମ ଲିଃ (Odisha State Beverage Corporation Ltd.) କୁ ପ୍ରେରଣ କରାଯାଇଅଛି, ତେବେ ଏହି ଦେଶୀ ସୁରା "ASKA - 40" ର ମୁଲ୍ୟ ବୃଦ୍ଧି ଶେଷ ଥର ପାଇଁ 2019 ମସିହାରେ ହୋଇଥିଲା, ବର୍ତ୍ତମାନ ପ୍ରତ୍ୟେକ ଜିନିଷର ବଜାର ଦରର ଅହେତୁକ ମୂଲ୍ୟ ବୃଦ୍ଧି ହୋଇଥିଲେ ସୁଦ୍ଧା ଇତି ମଧ୍ୟରେ ପ୍ରାୟ ପାଞ୍ଚ ବର୍ଷ ବିତି ଯାଇଥିଲେ ମଧ୍ୟ ଏହାର ମୂଲ୍ୟ ବୃଦ୍ଧି ହୋଇନାହିଁ, ଯଦ୍ଦ୍ୱାରା କି ଚିନି ଶିଳ୍ପକୁ ଏହାର ପରିଚାଳନାରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି, ତେଣୁ ସରକାର ଏଥି ପ୍ରତି ଦୃଷ୍ଟି ହେଇ ଏହାର ଉଚିତ ମୂଲ୍ୟ ବୃଦ୍ଧି କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ଚାଉଳ ସଂରକ୍ଷଣ ପାଇଁ ଗୋଦାମ ଗୃହ

3116 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚାଉଳ ସଂରକ୍ଷଣ ପାଇଁ ଯାଜପୁର ଜିଲ୍ଲାରେ କେତୋଟି ସରକାରୀ ଓ ବେସରକାରୀ ଗୋଦାମ ଗୃହ କାହା ନାଁରେ ଅଛି ଏବଂ କେଉଁ ସ୍ଥାନରେ ରହିଅଛି, ତାହର ତଥ୍ୟ ପ୍ରଦାନ କରିବେ କି, ବେସରକାରୀ ଗୋଦାମରେ ଚାଉଳ ସଂରକ୍ଷଣ ପାଇଁ ସରକାରଙ୍କୁ ବାର୍ଷିକ କେତେ ଅର୍ଥ ଦେବାକୁ ପଡୁଛି, କେଉଁ ବେସରକାରୀ ଗୋଦାମ, ସରକାରୀ ଜମିରେ ପ୍ରତିଷ୍ଠା ହୋଇଛି ଏବଂ ତାହା ଦ୍ୱାରା ସରକାରଙ୍କୁ କେତେ ରାଜସ୍ୱ ମିଳୁଛି ?

----

## କାର୍ଯ୍ୟକ୍ଷମ ଥିବା ସୂତାକଳ

3117 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଏବେ କେତେଗୋଟି ସୂତାକଳ, କଳତନ୍ତ ବୟନଶିଳ୍ପ ପ୍ରତିଷ୍ଠାନ କାର୍ଯ୍ୟକ୍ଷମ ଅଛି ଓ କେତୋଟି ଅଚଳ ଅଛି ତାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି , ଅଚଳ ଥିବା ପ୍ରତିଷ୍ଠାନ ଗୁଡିକୁ ସଚଳ କରିବା ପାଇଁ ସ୍ଥିର କରୁଛନ୍ତି କି ଓ କେବେ ସୁଧା ସଚଳ ହେବ ?

----

## ବିଦ୍ୟୁତ ତାର ଓ ଟ୍ରାନ୍ସଫରମର ଚୋରି

3118 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଗତସିଂହପୁର ଜିଲ୍ଲାରେ ବାରମ୍ବାର ଲକ୍ଷାଧିକ ଟଙ୍କାର ବିଦ୍ୟୁତ ତାର, ଟ୍ରାନ୍ସଫରମର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହେବା କଥା ସରକାର ଜାଣନ୍ତି କି, ପ୍ରକୃତରେ ଏହି କ୍ଷତିକୁ ଭରଣ କରୁଛି କିଏ, ଏବଂ ଗତ ପାଞ୍ଚ ବର୍ଷରେ କେତେ ଚୋରି ହେଲାଣି ?

----

## E - KYC ଦ୍ୱାରା ହିତାଧିକାରୀ ବାଦ

3119 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ E - KYC ହେବା ପର ଠାରୁ କେତୋଟି Ration Card ହିତାଧିକାରୀ ମାନଙ୍କ ସଂଖ୍ୟା କମିଛି ତାହାର ଏକା ତାଲିକା ପ୍ରଦାନ କରିବେ କି, ଏବଂ ସେମାନଙ୍କ ପାଇଁ ସରକାର କି ପଦକ୍ଷେପ ନେବାକୁ ଯାଉଛନ୍ତି ?

----

## ସମବାୟ ସମୀକ୍ଷା ନିର୍ଦ୍ଦେଶାଳୟ ଖାଲିଥିବା Asst. Law Officer

3120 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସମବାୟ ସମୀକ୍ଷା ନିର୍ଦ୍ଦେଶାଳୟରେ ଆସିଷ୍ଟାଣ୍ଟ ଲ' ଅଫିସର ପଦବୀ କେବେଠାରୁ ଖାଲି ପଡ଼ିଛି ଏବଂ ଏହି ପଦବୀ କାହିଁକି ପୂରଣ କରାଯାଇ ନାହିଁ, ଏହି ପଦବୀରେ ପଦୋନ୍ନତି ପାଇଁ କେଉଁ କର୍ମଚାରୀମାନଙ୍କ ଯୋଗ୍ୟତା ଅଛି, ତାହାର ତାଲିକା ପ୍ରଦାନ କରିବା ସହିତ କେତେ ତାରିଖ ସୁଦ୍ଧା ଏହି ପଦବୀ ପଦୋନ୍ନତି ଦ୍ୱାରା ପୂରଣ କରାଯିବ ?

----

## ସମବାୟ ସମୀକ୍ଷା ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ସମୀକ୍ଷକ ଓ ମହାସମୀକ୍ଷକ

3121 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ସମବାୟ ସମୀକ୍ଷା ନିର୍ଦ୍ଦେଶାଳୟ ଅଧୀନରେ କାର୍ଯ୍ୟରତ ସମୀକ୍ଷକ ଏବଂ ଉପସହକାରୀ ମହାସମୀକ୍ଷକ ସମବାୟ ବିଭାଗ ରିଜୋଲ୍ୟୁସନ୍ ନଂ- ୨୧୯୦ ସମବାୟ ତା ୧୪.୩.୨୦୨୨ ଏବଂ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ବଦଳି ୨୦୨୩ ମସିହାରେ କରାଯାଇଥିଲା, ସମୀକ୍ଷକ ଏବଂ ଉପସହକାରୀ ମହାସମୀକ୍ଷକ ମାନଙ୍କ ମଧ୍ୟରୁ କେତେଜଣଙ୍କୁ ୨୦୨୩ ମସିହାରେ ସମୀକ୍ଷା ନିର୍ଦ୍ଦେଶାଳୟରେ ସରକାରଙ୍କ କେଉଁ ନିୟମ ଅନୁଯାୟୀ କେତେଜଣଙ୍କୁ ସଂଯୁକ୍ତ କରିଛନ୍ତି ତାହାର ତଥ୍ୟ ପ୍ରଦାନ କରିବେ କି,ଯଦି ସରକାରଙ୍କର କୌଣସି ନିୟମ ନାହିଁ ସମବାୟ ବିଭାଗ ଏହି ସଂଯୁକ୍ତ ନିର୍ଦ୍ଦେଶ ବାତିଲ୍ ନିମନ୍ତେ କ'ଣ ବିହିତ ପଦକ୍ଷେପ ନେଇଛନ୍ତି କି ?

----

## ମିଲର ଦ୍ୱାରା ଧାନ କିଣା

3122 **ଶ୍ରୀ କହ୍ନାଇଁ ଚରଣ ଡାଙ୍ଗ (କନ୍ଧମାଳ)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ଚଳିତବର୍ଷ ଓଡିଶାରେ ଧାନ ସଂଗ୍ରହ ପାଇଁ କେତେଜଣ ମିଲର୍ସଙ୍କୁ ଦୟିତ୍ୱ ଦିଆଯାଇଛି ଏବଂ ସେମାନଙ୍କ ମଧ୍ୟରେ କେତେଜଣ Backlog ଚାଉଳ ଦେଇ defaulter ଅଛନ୍ତି, ଏବଂ (ଖ) ବୋନସ୍ ବ୍ୟବସ୍ଥା ଲାଗୁ ହେବା ପରେ ଗତବର୍ଷ ଅପେକ୍ଷା କେତେ ଅଧିକ ଚାଷୀ ନିଜକୁ ପଞ୍ଜିକରଣ କରିଛନ୍ତି ବର୍ତ୍ତମାନ ଚାଉଳର ବିଭିନ୍ନ ଅନିୟମିତତା ଯୋଗୁଁ ମିଲର ମାନଙ୍କ ବିରୁଦ୍ଧରେ ମାମଲା ରୁଜୁ ନକରି ସେମାନଙ୍କୁ Black Listed କରିବାକୁ ଚାହିଁବେ କି ପୁରୁଣା କଟକରେ ଦୁର୍ନୀତି ଗ୍ରସ୍ତ ମିଲର କୁ ଅଚାନକ ତଦନ୍ତ କରି ବ୍ୟାପକ ଅନିୟମିତତା ପାଇଥିବା ବାବଦରେ କେବେ ଉକ୍ତ ମିଲର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବେ କି ?

----

## ଗୋ ହତ୍ୟା ରୋକିବାକୁ ପଦକ୍ଷେପ

3123 **ଶ୍ରୀ କହ୍ନାଇଁ ଚରଣ ଡାଙ୍ଗ (କନ୍ଧମାଳ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଓଡିଶାରେ ବହୁ ସଂଖ୍ୟାରେ ଗାଇଗୋରୁ ଅନ୍ୟ ରାଜ୍ୟ ଏବଂ ଦେଶକୁ ଚାଲାଣ ହେବା ଦୃଷ୍ଟିକୁ ଆସିଛି କି ଓ ଗୋରୁ ହତ୍ୟା ରୋକିବାକୁ ରାଜ୍ୟରେ Orissa Preventive of Cow Slaughter Act-1960 ନିୟମ ପ୍ରଣୟନ ହେଲେମଧ୍ୟ ଏହା କାର୍ଯ୍ୟକାରୀ ହେଉନଥିବା ସତ୍ୟ କି, ଗତ ବର୍ଷ ଜାନୁଆରୀ ମାସରେ ଗୋ ସୁରକ୍ଷା ସମ୍ପର୍କିତ ଏହି ଆଇନର ସଂଶୋଧନ ପାଇଁ ହାଇକୋର୍ଟ ଏକ ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି ଗତ 5 ବର୍ଷ ଭିତରେ ବିପଦରେ ଗୋ ମାତା ଥିବାରୁ କେତୋଟି ମାମଲା ଗୋଚାଲାଣ ଗୋ ହତ୍ୟା କିମ୍ବା ଅନ୍ୟାନ୍ୟ ପଶୁପ୍ରତି ବର୍ବରତା ପ୍ରସଙ୍ଗକୁ ନେଇ ରାଜ୍ୟର ବିଭିନ୍ନ ଥାନାରେ ରୁଜୁ କରାଯାଇଛି ବିଶେଷତଃ ବାଂଲାଦେଶକୁ ଓଡିଶାରୁ ଗାଇଗୋରୁ ଚାଲାନର କାରବାର ପ୍ରତିଦିନ ଅବିରତ ହେଉଥିବା ଯୋଗୁଁ ସରକାର ଏହା ବିରୁଦ୍ଧରେ କି କି କାର୍ଯ୍ୟାନୁଷ୍ଠାନ କରିବାକୁ ଯାଉଛନ୍ତି ?

----

## ବରୀ ଠାରେ ନୂତନ Grid Station ସ୍ଥାପନ

3124 **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବରୀ ନିର୍ବାଚନ ମଣ୍ଡଳୀର ବରୀଠାରେ ଏକ ନୂତନ GRID Station ସ୍ଥାପନକରି ସ୍ଥାନୀୟ ଅଧିକାରୀ ମାନଙ୍କର ବିଜୁଳି ଜନିତ ସମସ୍ୟା ଦୂର କରିବା ପାଇଁ ପଦକ୍ଷେପ ନେବେ କି ଯାଜପୁର GRID ରୁ ବରୀକୁ Electric line Supply ହୋଇଥିବାରୁ ବହୁ ସମୟରେ ବିଭିନ୍ନ ଘଟଣାରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହେଉଥିବାରୁ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏହି ସମସ୍ୟା କୁ ଦୁର କରିବା ପାଇଁ ବରୀ ଠାରେ ଏକ ନୂତନ GRID ସ୍ଥାପନ କରିବାସହ ରତ୍ନଗିରି ପର୍ଯ୍ୟନ୍ତ 33 KV ବିଦ୍ୟୁତ୍ ସଂଯୋଗ କରିବା ପାଇଁ ପଦକ୍ଷେପ ନେବେ କି ?

----

## Smart Meter ସ୍ଥାନରେ ସାଧାରଣ Meter ଲଗାଇବା

3125 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଶକ୍ତି ବିଭାଗ Tata Power କୁ ଯେଉଁ ସ୍ଥାନରେ Electricity Distribution ହସ୍ତାନ୍ତର କରିଛି ସେ ସ୍ଥାନରେ Tata Power ଦ୍ୱାରା ଗ୍ରାହକମାନଙ୍କୁ Smart Meter ବସାଇବା ପାଇଁ ବାଧ୍ୟ କରାଯାଉଛି ଯହାଦ୍ୱାରା Smart Meter ବସିଲା ପରେ ଗ୍ରାହକ ମାନଙ୍କର Electric Bill ର ପରିମାଣ Electricity ର ବ୍ୟବହାରରୁ ଯଥେଷ୍ଟ ଅଧିକ ଆସୁଛି ବୋଲି ବାରମ୍ବାର ଅଭିଯୋଗ ଆସୁଛି ପୂର୍ବରୁ ବସୁଥିବା ସାଧାରଣ Meter ର Electric Bill ର ପରିମାଣ ଓ Smart Meter ବସିବା ପରେ Electric Bill ର ପରିମାଣ ମଧ୍ୟରେ ଅନେକ ପାର୍ଥକ୍ୟ ଦେଖିବାକୁ ମିଳୁଛି ତେଣୁ ସରକାର ଯଦି ପୁନର୍ବାର Smart Meter ସ୍ଥାନରେ ସାଧାରଣ Meter ର ବସିବା ବ୍ୟବସ୍ଥା କରିବେ କି ?

----

## ORD ନିକଟରେ ପାୱାର ପ୍ଲାଣ୍ଟ

3126 **ଶ୍ରୀ ନୀହାର ରଞ୍ଜନ ମହାନନ୍ଦ (ଅତାବିରା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ORD ପାଖରେ ଥିବା ଏକ ପାୱାର ପ୍ଲାଣ୍ଟ କେଉଁ ଆଧାରରେ ଖୋଲା ଯାଇଛି ସରକାରଙ୍କ ସହିତ କେତେ ବର୍ଷର ଚୁକ୍ତି ନାମ ହୋଇଛି, କେତେ ପାୱାର ଜେନେରେଟର ହେଉଛି, କାହା କାହାକୁ ବିକ୍ରି କରା ହୋଇଛି, ଏବଂ କେତେ ପଇସାରେ ବିକ୍ରି ହେଉଛି ?

----

## ବ୍ୟକ୍ତିଗତ ଯାଗାରେ ବିଦ୍ୟୁତ ଖୁଣ୍ଟ ପଡିଥିବା

3127 **ଶ୍ରୀ ନୀହାର ରଞ୍ଜନ ମହାନନ୍ଦ (ଅତାବିରା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବରଗଡ଼ ଜିଲ୍ଲାରେ ବହୁ ବ୍ୟକ୍ତିମାନଙ୍କର ବାସଗୃହ ସଂଲଗ୍ନ ଘରଡିହ ଓ ଚାଷଜମି ଉପରେ ବିଦ୍ୟୁତ୍ ଖୁଣ୍ଟ ଥିବା ବେଳେ ସମ୍ପୃକ୍ତ ଘର ମାଲିକ, ଚାଷୀ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ବିଦ୍ୟୁତ୍ ବିଭାଗ ତରଫରୁ ବିଦ୍ୟୁତ୍ ଖୁଣ୍ଟ କଟାଯାଇଥିବା କଥା ସତ୍ୟ କି, ଉତ୍ତର ହଁ ହେଲେ ଅବିଳମ୍ବେ ବ୍ୟକ୍ତିଗତ ମାଲିକାନା ରେ ଥିବା ଘରଡିହ ଓ ଚାଷଜମି ଉପରୁ ବିଦ୍ୟୁତ୍ ଖୁଣ୍ଟ ପ୍ରତ୍ୟାହାର କରିବାର ବ୍ୟବସ୍ଥା କରିବେ କି ?

----

## ପଧାନମନ୍ତ୍ରୀ ଫସଲବୀମା ଯୋଜନା ଦ୍ୱାରା ସୁବିଧା

3128 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ରାଜ୍ୟରେ କେତେ ଚାଷୀ ଗତ 3 ବର୍ଷ ଭିତରେ କି କି ପ୍ରକାର ସୁବିଧା ଓ କେଉଁ ପରିମାଣରେ କ୍ଷତିପୂରଣ କେବେ ପାଇଛନ୍ତି ସେ ବ୍ଲକୱାରୀ ରିପୋର୍ଟ ଦେବେ କି କେତେ ପରିମାଣରେ ଚାଷ ପାଇଁ କେଉଁ ଫସଲ ଚାଷ ପାଇଁ କେତେ ଟଙ୍କାର Insurance (ବୀମା) ପାଇଁ କେତେ ଟଙ୍କା Premium ଦେବାକୁ ପଡେ ଓ ଏହି ଅର୍ଥ କିଏ ଦେଇଥାନ୍ତି କେତେ ଫସଲ ନଷ୍ଟ ହେଲେ ବୀମା ଅର୍ଥ ମିଳିଥାଏ ଓ କେଉଁ କେଉଁ ବୀମା କମ୍ପାନିମାନେ ରାଜ୍ୟ ସରକାରଙ୍କ ସହ ଚୁକ୍ତି କରିଛନ୍ତି ଓ ସେହି ବୀମାକମ୍ପାନିମାନଙ୍କୁ କିଏ କେଉଁ ଆଧାରରେ Choice କରିଛନ୍ତି ପ୍ରତିବର୍ଷ ବୀମା କମ୍ପାନିମାନେ Renewal କରନ୍ତି ନା ପୁନଃ Premium ଦେବାକୁ ପଡେ ଜଣାଇବେ କି ?

----

## ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ

3129 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ବର୍ଷ ରାୟଗଡା ଜିଲ୍ଲାରୁ କେତେ ମାଟ୍ରିକ ଟନ୍ ଧାନ କିଣିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ତାର ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି, ବର୍ତମାନ ସୁଦ୍ଧା ରାୟଗଡା ଜିଲ୍ଲାରେ କେତେ ଜଣ ଚାଷୀ ପଞ୍ଜିକୃତ ହେଲେଣି ଏବଂ କେତେ ଚାଷୀ ପଞ୍ଜିକୃତରୁ ବାଦ ପଡିଛନ୍ତି, ରାୟଗଡା ଜିଲ୍ଲାରେ ଗତବର୍ଷ କେତେ ଚାଷୀ ଧାନ ବିକ୍ରୟ କରି ବର୍ତ୍ତମାନ ସୁଦ୍ଧା ଅର୍ଥ ପାଇ ନାହାନ୍ତି, ତାର ସଂଖ୍ୟା ଓ ରାଶି କେତେ, ସେମାନଙ୍କ ବିକ୍ରୟ ବାବଦରେ ବକେୟା ଅର୍ଥ ପ୍ରଦାନ ପାଇଁ ବିଚାର କରିବେ କି ?

----

## ସମବାୟ ବ୍ୟାଙ୍କରେ ଦୁର୍ନୀତି

3130 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନସ୍ଥ ବାହାନଗା ଶାଖା ପଣପଣା ସେବା ସମବାୟ ସମିତିରେ ଜମା ସଂଗ୍ରହ ଏବଂ ଋଣ ପ୍ରଦାନରେ 16 କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଦୁର୍ନୀତି ହୋଇଛି, ଉକ୍ତ ଦୁର୍ନୀତିରେ ପ୍ରତ୍ୟକ୍ଷ ଭାବରେ ଜଡିତ ଥିବା ବ୍ୟାଙ୍କର କର୍ମଚାରୀ ବିରୋଧରେ ବିଭାଗୀୟ ତଦନ୍ତ ରିପୋର୍ଟରେ ଦର୍ଶାଇଥିବା ସତ୍ତ୍ୱେ ଅଦ୍ୟାବଧି କୌଣସି ପଦକ୍ଷେପ ବା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ଶାଖା ପରିଚାଳକ ଭାବେ ବିଭିନ୍ନ ଶାଖାରେ ଅବସ୍ଥାପିତ କରିଥିବା ସତ୍ୟ କି ?

----

## ମୃତ୍ତିକା ପରୀକ୍ଷା କରି ସାର ଓ କୀଟନାଶକ ପ୍ରୟୋଗ

3131 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କୃଷକର ଆର୍ଥିକ ଉନ୍ନତି ପାଇଁ କେଉଁ କେଉଁ ଆର୍ଥକାରୀ ଫସଲ, କେଉଁ ମୃତ୍ତିକାରେ କି ପ୍ରକାର ଫସଲ ହେଲେ ଭଲ ହେବ ସେଥିପାଇଁ ମୃତ୍ତିକା ପରୀକ୍ଷା କରିବାକୁ ଓ କେଉଁ ଫସଲକୁ କେଉଁ ସାର କୀଟନାଶକ ଇତ୍ୟାଦି ଆବଶ୍ୟକ ଏପରିକି ଉନ୍ନତମାନର ବିହନ ସବୁ ଯୋଗାଇବା କ୍ଷେତ୍ରରେ ରାଜ୍ୟ ସରକାର ଚାଷୀମାନଙ୍କୁ କି କି ପ୍ରକାର ସହଯୋଗ ଓ ଆର୍ଥିକ ପ୍ରୋତ୍ସାହନ ଯୋଗାଉଛନ୍ତି, ସେହିପରି ପାନ, ଗୁଆ, କାଜୁ, ରସୁଣ, ହଳଦୀ ଚାଷୀଙ୍କୁ କି ପ୍ରକାର ପ୍ରୋତ୍ସାହନ ଓ ବଜାର ବ୍ୟବସ୍ଥା ସରକାର କରୁଛନ୍ତି ?

----

## ଭଦ୍ରକ ନିୟନ୍ତ୍ରିତ ବଜାର କମିଟି ପରିସରରେ ଶୀତଳ ଭଣ୍ଡାର ସ୍ଥାପନ

3132 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭଦ୍ରକ ନିୟନ୍ତ୍ରିତ ବଜାର କମିଟି ପରିସରରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ଏକ ଅତ୍ୟାଧୁନିକ ଶୀତଳ ଭଣ୍ଡାର ର କାର୍ଯ୍ୟରେ କଣ ଅଗ୍ରଗତି ହୋଇଅଛି, ଭଦ୍ରକର ସ୍ଥାନୀୟ ଚାହିଦା କୁ ଅବଲୋକନ କଲେ ଏହି ଶୀତଳଭଣ୍ଡାରର କାର୍ଯ୍ୟକାରୀ ହେବା ନିତ୍ୟାନ୍ତ ଜରୁରୀ ହୋଇଥିବା ବେଳେ ଏଥିପାଇଁ ବିଭାଗ ବିହିତ ପଦକ୍ଷେପ ନେବେ କି ?

----

## ଗୋରୁ ଚାଲାଣ ଯୋଗୁଁ ଗୋ ସମ୍ପଦ ହ୍ରାସ

3133 **ଶ୍ରୀ ନୀହାର ରଞ୍ଜନ ମହାନନ୍ଦ (ଅତାବିରା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପ୍ରାୟ ପ୍ରତିଦିନ ଓଡ଼ିଶା ବାହାରକୁ ଟ୍ରେନ୍ ଓ ଟ୍ରକ୍ ଯୋଗେ ବହୁ ଗୋରୁ ଚାଲାଣ ହେଉଥିବାରୁ କ୍ରମେ କ୍ରମେ ଗୋ-ସମ୍ପଦ ହ୍ରାସ ହେଉଥିବାର ସରକାର ଅବଗତ ଅଛନ୍ତି, ଗୋ ସମ୍ପଦ ଗଣନା ପାଇଁ ସରକାର କୌଣସି ବ୍ୟବସ୍ଥା କରିଛନ୍ତି କି ଗୋରୁ ଗୁଡ଼ିକୁ ରାଜ୍ୟ ବାହାରକୁ ଚାଲାଣ ରୋକିବା ପାଇଁ ଆଇନଗତ ବ୍ୟବସ୍ଥା କହିବେ କି ?

----

## ବେଳାଭୂମି ସଙ୍କୁଚିତ

3134 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଥିବା ସମୁଦ୍ର ବେଳାଭୂମି ସଙ୍କୁଚିତ ହୋଇଗଲାଣି ବେଳାଭୂମିରେ କଂକ୍ରିଟ ନିର୍ମାଣ ଚାଲିଛି, ପୁରୀ ବେଳାଭୂମି 5 କି.ମି. ବ୍ୟାପ୍ତ କିନ୍ତୁ ଏବେ 50 ମିଟର ରହିଛି, ନ୍ୟସ୍ତ ସ୍ୱାର୍ଥ ଅଧିକାରୀ ଓ ହୋଟେଲିୟରଙ୍କ ପାଇଁ ଜେଟି ନିର୍ମାଣ ଘଟଣା ସତ୍ୟ କି, ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ବେଳାଭୂମିରେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଚାଷ ଜମି ଉପରେ High Voltage Line କରିବା

3135 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୂଆପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବିଜୁଳି ବିଭାଗ ତରଫରୁ ଯେଉଁ ଚାଷ ଜମି ବା ଅନ୍ୟ ଜାଗା ଗୁଡିକ ଉପରେ ବିଜୁଳି ବିଭାଗ ତରଫରୁ 11 K.V Line, 33 K.V Line କିମ୍ୱା Transformer ଇତ୍ୟାଦି ଲଗାଯାଇଥିଲା କାଳକ୍ରମେ ସେ ଜାଗା ଗୁଡିକରେ ଚାହିଦା ବଢିବାରେ ଲାଗିଛି, ସେ ଜମି ଗୁଡିକରେ ଲୋକେ ଘରକରି ରହିବାକୁ ସ୍ଥିର କଲେଣି, କିନ୍ତୁ ବିଜୁଳି ବିଭାଗର High Voltage Line ଯାଇଥିବାରୁ ଡରରେ ଲୋକମାନେ ସେ ଜାଗାରେ ଘର କରିବାକୁ ଡରୁଛନ୍ତି, ବିଜୁଳି ବିଭାଗ ତରଫରୁ ସେ ଲାଇନ, ଟ୍ରାନସଫରମର ଇତ୍ୟାଦି ହଟାଇ ଅନ୍ୟ ଜାଗାକୁ ପରିବର୍ତ୍ତନ କରିବାକୁ କ'ଣ ବ୍ୟବସ୍ଥା ଅଛି ?

----

## Low Voltage ସମସ୍ୟାର ସମାଧାନ

3136 **ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର)ः**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ସରକାରଙ୍କ ଦ୍ୱାରା ନିୟୋଜିତ TPCODL, ଉପଭୋକ୍ତାମାନଙ୍କୁ ବିଭିନ୍ନ ପ୍ରକାର ହଇରାଣ ଯଥା ଅଯଥା ଜୋରିମନା ଆଦାୟ, ବିଜୁଳି କାଟ, Low Voltage, Transformer ପରିବର୍ତ୍ତନରେ ବିଳମ୍ବ ସମସ୍ୟା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଯଦି 'ହଁ' କେବେସୁଦ୍ଧା ଉକ୍ତ ସମସ୍ୟାର ସମାଧାନ ଦିଗରେ ସରକାର ବିହୀତ ପଦକ୍ଷେପ ନେବେ ; ଏବଂ (ଖ) ତାଳଚେର ସହର ଏକ ବିଦ୍ୟୁତ ଉତ୍ପାଦନର କେନ୍ଦ୍ରସ୍ଥଳୀ ହୋଇଥିବାରୁ ତାଳଚେରବାସୀଙ୍କୁ ମାଗଣା ବିଜୁଳି ଯୋଗାଇଦେବାର ବ୍ୟବସ୍ଥା ସରକାର କରିବେ କି ?

----

## ଉତ୍ପାଦିତ ଧାନର ବିବରଣୀ

3137 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି)ः**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଉତ୍ପାଦିତ ସମୁଦାୟ ଧାନ ମଧ୍ୟରୁ କ୍ଷୁଦ୍ର, ନାମମାତ୍ର ଚାଷୀ ଓ ଅନ୍ୟାନ୍ୟ କେଉଁ କେଉଁ ବର୍ଗର ଚାଷୀଙ୍କ ଦ୍ୱାରା କେତେ କେତେ ପ୍ରତିଶତ ଧାନ ଉତ୍ପାଦିତ ହୋଇଥାଏ ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ; ଉତ୍ପାଦିତ ସମୁଦାୟ ଧାନ ମଧ୍ୟରୁ କେଉଁ ଜିଲ୍ଲାରୁ ରାଜ୍ୟ ସରକାର କେତେ ପରିମାଣର ଧାନ କ୍ରୟ କରନ୍ତି ନାହିଁ ତାର 5 ବର୍ଷର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ; ସରକାର କ୍ରୟ କରୁନଥିବା ଧାନକୁ ଚାଷୀ କେତେ ଦରରେ ବିକ୍ରି କରି କେତେ କ୍ଷତି ସହିଥାନ୍ତି ସେ ସମ୍ପର୍କରେ ସରକାର ଆକଳନ କରିଛନ୍ତି କି ; ଯଦି କରିଛନ୍ତି ତେବେ କ୍ଷତିର ପରିମାଣ କେତେ କହିବେକି ; ଯଦି ଆକଳନ କରିନାହାଁନ୍ତି ତେବେ ଚାଷୀର ଆୟ ଦ୍ୱିଗୁଣିତ କରିବା ପ୍ରତିଶୃତି ଆଧାରରେ କ୍ଷତିର ଆକଳନ କରିବା ପାଇଁ ପଦକ୍ଷେପ ନେବେ କି?

----

## ATM ବ୍ୟବହାର ସମ୍ପର୍କରେ

3138 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ)ः**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) OSCB ର ତଥ୍ୟ ମୁତାବକ ଓଡିଶାରେ କାର୍ଯ୍ୟରତ ସମସ୍ତ PACS/LAMPCS କୁ MICRO ATM ଯୋଗାଇ ଦିଆଯାଇଛି ଯେଉଁଥିରେ ଗ୍ରାମାଞ୍ଚଳରେ ଚାଷୀ ତଥା ଜନସାଧାରଣଙ୍କ ଆଖ ପାଖରେ ଥିବା ଯେକୌଣସି ବ୍ୟାଙ୍କର ATM କାର୍ଡ ମାଧ୍ୟମରେ ସମିତିରୁ ମାଇକ୍ରୋ ATM ଜରିଆରେ 5000 ଟଙ୍କା ପର୍ଯ୍ୟନ୍ତ ଉଠାଣ ଓ 10000 ଟଙ୍କା ପର୍ଯ୍ୟନ୍ତ ଜମା କରିପାରିବାର ପ୍ରାବଧାନ ଗୁଡିକ କଣ ଓ (ଖ) ଗତ ବର୍ଷ ଓ ଚଳିତ ବର୍ଷ ଏହି ଯୋଜନା ଦ୍ୱାରା କେଉଁ ଜିଲ୍ଲାରେ କେତେ ଚାଷୀ ଆର୍ଥିକ ଦେଣ ଓ ନେଣ କାରବାର କରିଛନ୍ତି ଓ କେତେ ଚାଷୀ ଓ ସାଧାରଣ ଲୋକ ଉପକୃତ ହୋଇଛନ୍ତି ତାର ଏକ ତାଲିକା ପ୍ରଦାନ କରିବା ସହିତ ପ୍ରତି ମାସରେ ଏହି ମାଇକ୍ରୋ ATM ର ବ୍ୟବହାର ସମ୍ବନ୍ଧୀୟ ସମସ୍ତ ତଥ୍ୟ ସାର୍ବଜନୀନ କରି ଏହାର ପ୍ରସାର ନିମନ୍ତେ ସରକାର କି କି ପଦକ୍ଷେପ ନେଇଛନ୍ତି ?

----

## ସେରିକଲଚର ଚାଷ ପାଇଁ ପ୍ରୋତ୍ସାହନ

3139 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟର ଆଦିବାସୀ ଅଧୁଷିତ କେନ୍ଦୁଝର, ସୁନ୍ଦରଗଡ, ମୟୁରଭଂଜ ଓ ଢେଙ୍କାନାଳ ଜିଲ୍ଲା ମାନଙ୍କରେ ଗତ 2015 ମସିହା ଠାରୁ 2022 ମସିହା ମଧ୍ୟରେ ସେହି ଜିଲ୍ଲାମାନଙ୍କରେ ଯଥାକ୍ରମେ DMF, RKVY, MGNREGS ଅର୍ଥରାଶିର ଅନୁଦାନ ଦ୍ୱାରା ଅର୍ଜୁନ, ଅସନ, ମଲବେରୀ ଓ ଇରୀ ଚାଷ ଓ ସେରକଲଚରକୁ ସାମଗ୍ରୀକ ପ୍ରୋତ୍ସାହନ ପାଇଁ ମୋଟ ସମୁଦାୟ କେତେ କେତେ ଆର୍ଥିକ ଅନୁଦାନ ପର୍ଯ୍ୟାୟ କ୍ରମେ ମିଳିଛି ଓ ତାର ଏକ ସବିଶେଷ ଜିଲ୍ଲାୱାରୀ ଓ ବର୍ଷୱାରୀ ବିବରଣୀ ଉପସ୍ଥାପନ କରିବେ କି ; (ଖ) ମିଳିଥିବା ଉପରୋକ୍ତ ପ୍ରୋତ୍ସାହନ ଅର୍ଥ କେଉଁଠାରେ ଓ କିପରି ଭାବରେ ସୁବିନିଯୋଗ କରାଯାଇ କି କି ଉନ୍ନତି ଉପଲବ୍ଧ କରାଯାଇଛି ଓ କେତେ ଚାଷୀ ଉପକୃତ ହୋଇଛନ୍ତି ତାହାର ବର୍ଷୱାରୀ ଓ ଜିଲ୍ଲାୱାରୀ ଏକ ବିବରଣୀ ପ୍ରକାଶ କରିବେ କି?

----

## Mulberry ଚାଷ

3140 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟ ହସ୍ତତନ୍ତ ଓ ବୟନ ନିର୍ଦ୍ଦେଶାଳୟ ଅଧିନରେ ରହିଥିବା ସେରି କଲଚର ୱିଙ୍ଗ ମାଧ୍ୟମରେ ରାଜ୍ୟରେ ଥିବା Mulberry Rearing Co-operative Society (MRCS) ଓ MDF ମାଧ୍ୟମରେ କେତେ ପରିମାଣର Mulberry (ତନ୍ତୁ) ଚାଷ କରାଯାଇ SERIFED ଦ୍ୱାରା ଓ ମାଧ୍ୟମରେ ଗତ ତିନି ବର୍ଷରେ କ୍ରୟ ଓ ବଣ୍ଟନ କରାଯାଇଅଛି ତାହାର ସବିଶେଷ ବିବରଣୀ ଦେବେ କି ; (ଖ) ବର୍ଷକୁ ରାଜ୍ୟରେ କେତେ ପରିମାଣର ପାଟ ସୂତାର ଚାହିଦା ଓ ଦରକାର ହେଉଛି ତାର ଏକ ତିନି ବର୍ଷର ତୁଳନାତ୍ମକ ବିବରଣୀ ଦେବା ସହ ରାଜ୍ୟ ବାହାରୁ କେତେ ପରିମାଣର ସୂତା ସଂଗ୍ରହ କରାଯାଉଅଛି ତାହା ଜଣାଇବେ କି ଏବଂ ଏତଦଜନିତ ଏହି scheme ପାଇଁ Central Silk ବୋର୍ଡର ସମସ୍ତ ନିର୍ଦ୍ଦେଶନାମା, ନୋଟ, ଟିପ୍ପଣୀ ଓ ଉପଦେଶ ଗୁଡିକ ଉପସ୍ଥାପନା କରି ତଦନୁଯାୟୀ କି କି ପଦକ୍ଷେପ ସରକାର ନେଇଛନ୍ତି ?

----

## MLC ବୃଦ୍ଧି ପାଇଁ ପଦକ୍ଷେପ

3141 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

KMS 2022-23 ବର୍ଷରୁ ଧାନ କିଣା ସମୟରେ ମଣ୍ଡିର ସମସ୍ତ କାର୍ଯ୍ୟ ପାଇଁ Mondy Labour Charges (MLC) କୁଇଣ୍ଟାଲ ପିଛା ଟ13.14 ପଇସା, ରାଜ୍ୟ ଯୋଗାଣ ନିଗମ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ରହିଅଛି ; ମାତ୍ର ବର୍ତ୍ତମାନ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି ହେତୁ ଧାନମଣ୍ଡି କାର୍ଯ୍ୟ କରୁଥିବା ଶ୍ରମିକମାନେ ମଣ୍ଡିର ସମସ୍ତ କାର୍ଯ୍ୟ ପାଇଁ ଗତ KMS 2023-24 ଠାରୁ କୁଇଣ୍ଟାଲ ପ୍ରତି 20 ଟଙ୍କା MLC ପାଇଁ ଦାବୀ କରୁଛନ୍ତି ; ଧାନମଣ୍ଡିର କାର୍ଯ୍ୟ ନିମନ୍ତେ ଚଳିତ KMS 2024-25 ବର୍ଷରେ MLC ବୃଦ୍ଧି କରିବା ପାଇଁ ଯୋଗାଣ ବିଭାଗ କି ପଦକ୍ଷେପ ନେଉଛନ୍ତି?

----

## ପୁନଃ ବିଜ୍ଞାପନ ପ୍ରକାଶ କରିବା ପାଇଁ ପଦକ୍ଷେପ

**3142 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ଵାଇଁ (ଆଠଗଡ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) କଟକ କେନ୍ଦ୍ର ସମବାୟ ବ୍ୟାଙ୍କରେ ୬୨ଟି ସପୋର୍ଟ ଷ୍ଟାଫ ପଦବୀରେ ନିଯୁକ୍ତି ନିମନ୍ତେ ଦୈନିକ ଖବର କାଗଜ ସମାଜରେ ତା.13.03.2024 ରେ ଏକ ବିଜ୍ଞାପନ ପ୍ରକାଶ କରିଥିଲେ ; ସମସ୍ତ କାଗଜାତ ସହିତ ପ୍ରାର୍ଥୀ/ପ୍ରାର୍ଥିନୀ ମାନେ ଏପ୍ରିଲ ମାସ 14 ତାରିଖ ମଧ୍ୟରେ ଡାକ ଯୋଗେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକଙ୍କ ନିକଟରେ ପହଞ୍ଚାଇବାର ନିର୍ଦ୍ଦେଶ ରହିଥିଲା, ମାତ୍ର ଏପ୍ରିଲ ମାସ 13 ଓ 14 ତାରିଖ ଯଥାକ୍ରମେ 2ୟ ଶନିବାର ଓ ରବିବାର ଥିବା ହେତୁ, ବ୍ୟାଙ୍କ ତଥା ପୋଷ୍ଟ ଅଫିସ ବନ୍ଦ ଥିବା ହେତୁ, ଅନେକ ପ୍ରାର୍ଥୀ/ପ୍ରାର୍ଥିନୀ ଆବେଦନରୁ ବଞ୍ଚିତ ହେବା ସହିତ ଯେଉଁମାନେ ଏପ୍ରିଲ 11 କିମ୍ବା 12 ତାରିଖରେ ଫର୍ମ ଡାକ ଯୋଗେ ପଠାଇଥିଲେ ତାହା ମଧ୍ୟ 14 ତାରିଖ ପରେ ପହଞ୍ଚିଥିବା ଯୋଗୁଁ ସେମାନଙ୍କର ମଧ୍ୟ ଆବେଦନ ଅଗ୍ରାହ୍ୟ ହୋଇଥିବା କଥା ସରକାର ଅବଗତ ଅଛନ୍ତି ନା ନାହିଁ ଓ (ଖ) ଏଣୁ କଟକ, କେନ୍ଦ୍ରାପଡା, ଯାଜପୁର ଓ ଜଗତସିଂହପୁର ଜିଲ୍ଲାର ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କୁ ଆବେଦନର ନ୍ୟାୟତ ସୁଯୋଗ ଦେବା ପାଇଁ ସରକାର କଟକ କେନ୍ଦ୍ର ସମବାୟ ବ୍ୟାଙ୍କଙ୍କୁ ପୁନଃ ବିଜ୍ଞାପନ ପ୍ରକାଶ କରିବାକୁ 7 ଦିନ କିମ୍ବା 15 ଦିନ ଅବଧି ବଢାଇବାର ବ୍ୟବସ୍ଥା କରିବେ କି ; ଯଦି ଏହା କରନ୍ତି ତାହା ପ୍ରକାଶ କରିବେ କି ଓ ଯଦି ନ କରିବେ ତେବେ ତାହାର କାରଣ ମାନ ଦର୍ଶାଇ ଏକ ବିବରଣୀ ରଖିବେ କି?

----

## ରବି ଫସଲ ଚାଷ ପାଇଁ ପ୍ରୋତ୍ସାହନ

**3143 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ବର୍ଷ ପୁରୀ ଜିଲ୍ଲାରେ ଚାଷୀମାନଙ୍କୁ ଆଳୁ, ପନିପରିବା, ଡାଲି, ତୈଳବୀଜ ରବି ଫସଲ ଚାଷ ପାଇଁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ନିଆଯାଉଅଛି?

----

## ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ଅର୍ଥ ବିନିମୟ

**3144 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ ପୁରୀ ଜିଲ୍ଲାର କେଉଁ ବ୍ଲକରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କେତେ ଅର୍ଥ ବିନିମୟରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ହୋଇଛି ତାହାର ବିବରଣୀ ପ୍ରଦାନ କରିବେ କି?

----

## ଗୋ-ପାଳନ ପାଇଁ ପ୍ରୋତ୍ସାହନ

3145 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଆମ ରାଜ୍ୟର ସହରମାନଙ୍କରେ ଲୋକେ ଗାଇ ପାଳନ ପରିବର୍ତ୍ତେ କୁକୁର ପାଳୁଥିବା ପରିପ୍ରେକ୍ଷୀରେ ଆମ ରାଜ୍ୟ ମାଲକାନଗିରିର କ୍ଷୁଦ୍ର ଆୟତନ ବିଶିଷ୍ଟ ଉନ୍ନତମାନର ଗୁଣାତ୍ମକ କ୍ଷୀର ପ୍ରଦାନ କରୁଥିବା ମୋଟୁ ଗାଇ ପାଳନ ପାଇଁ ଦୁଗ୍ଧ ଚାଷୀ ଓ ସାଧାରଣ ନାଗରିକମାନଙ୍କୁ ପ୍ରୋତ୍ସାହିତ କରିବାକୁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଦୁଗ୍ଧ ଉତ୍ପାଦନ

3146 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ଜିଲ୍ଲାର କେଉଁ ବ୍ଲକ ଓ ପୌରସଂସ୍ଥାରେ କେତେ ଗୋ-ସମ୍ପଦ ଥିବାବେଳେ ବିଗତ ତିନି ବର୍ଷରେ କେଉଁ ବ୍ଲକରୁ କେତେ ଦୁଗ୍ଧ ଉତ୍ପାଦିତ ହୋଇଛି ଓ ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ହସ୍ତତନ୍ତ ଶାଢୀ ଓ ପୋଷାକ ପରିଧାନ ପାଇଁ ପ୍ରୋତ୍ସାହନ

3147 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଆକଳନ ଅନୁଯାୟୀ କେତେ ଶଂତାଶ ମହିଳା ଶାଢୀ ପରିଧାନ କରୁଥିବା ବେଳେ କେତେ ଶଂତାଶ ପୋଷାକ ପରିଧାନ କରୁଛନ୍ତି ; ଶାଢୀ ପରିଧାନ କରୁଥିବା ମହିଳାଙ୍କ ମଧ୍ୟରୁ କେତେ ଶଂତାଶ ହସ୍ତତନ୍ତ ଶାଢୀ ପରିଧାନ କରୁଛନ୍ତି ଓ ମହିଳାମାନଙ୍କୁ ହସ୍ତତନ୍ତ ଶାଢୀ ଓ ହସ୍ତତନ୍ତ ପୋଷାକ ପରିଧାନ ନିମନ୍ତେ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## Consumer awareness programme

3148 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(a) The details of consumer awareness programs be conducted by the

Odisha Government during the last three years ; (b) Whether funds under the Odisha State Consumer Welfare Fund have been fully utilized; If not, the reasons for underutilization and The steps being taken to increase consumer awareness and protection against unfair trade practices?

----

**Steps to preserve traditional weaving techniques**

3149 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

How are these steps helping to preserve traditional weaving techniques; (a) Are there any training programs aimed at younger generations of weavers; (b) What measures are being taken to document and promote traditional designs and techniques?

----

**Promote Scientific Research**

3150 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- What is the government doing to promote scientific research and innovation in Odisha; (a) What funding opportunities are available for research institutions and startups; (b) How is collaboration between academia and industry being fostered?

----

**Revive Sheep Breeding**

3151 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

Whether Government has taken any steps to revive sheep breeding farm of Deogaon which was established in the year 1967 and inaugurated by the then Chief Minister of Maharaja R. N. Singh Deo; (a) Will the govt provide details there of, (b) if not, why not?

----

**Target to achieve 100% electrification**

3152 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः-

a. How are private DISCOMs addressing the challenge of delivering reliable electricity to rural and remote areas where distribution may be less profitable, Are there specific subsidies or incentives provided to ensure equitable access in these areas, b. What targets have been set for private companies to achieve 100% electrification in rural regions, and how is progress tracked to ensure accountability?

----

## ହାଟ ତାଲିକା ପ୍ରଦାନ

3153 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ः**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः-

କେନ୍ଦୁଝର ଜିଲ୍ଲାର କେଉଁ ବ୍ଲକ ଓ ପୌରସଂସ୍ଥା ଅଧିନରେ କେତେଗୋଟି ହାଟ ଅଛି, ତାହାର ତାଲିକା ପ୍ରଦାନ ସହ କେଉଁ କେଉଁ ହାଟ ଗୁଡ଼ିକ ସମବାୟ ସଂସ୍ଥା ମାଧ୍ୟମରେ ପରିଚାଳିତ ହେଉଛି, ଉକ୍ତ ହାଟର ରକ୍ଷଣାବେକ୍ଷଣ, ସଫେଇ, ପାନୀୟଜଳ ଓ ପରିମଳ ବ୍ୟବସ୍ଥା ସମ୍ପାଦନ, ଆଲୋକୀକରଣ ସହିତ ପଞ୍ଚାୟତ ଓ ପୌରସଂସ୍ଥାକୁ କେତେ ଅର୍ଥ ପ୍ରଦାନ କରାଯାଉଛି ଏବଂ ଏହି ହାଟରୁ ମାହାସୁଲ୍ ବାବଦରେ କେତେ ଅର୍ଥ ଆୟ ହୋଇଛି, ତାହାର ବର୍ଷୱାରୀ, ହାଟୱାରୀ ବିବରଣୀ ଦର୍ଶାଇ ହାଟ ଗୁଡ଼ିକର ଆଧୁନିକୀକରଣ ସମ୍ପ୍ରସାରଣ ପୂର୍ବକ ଏହାକୁ ମଡେଲ୍ ହାଟରେ ପରିଣତ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ମତ୍ସ୍ୟଚାଷ ପାଇଁ ପୋଖରୀ ଖନନ

3154 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ः**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः-

(କ) କେନ୍ଦୁଝର ଜିଲ୍ଲାରେ ବିଗତ ତିନି ବର୍ଷରେ କେଉଁ କେଉଁ ବ୍ଲକର କେଉଁ ଗ୍ରାମ ପଞ୍ଚାୟତ ଓ ପୌର ପାଳିକାର କେଉଁ ପୋଖରୀଗୁଡ଼ିକ ପୁନରୁଦ୍ଧାର, ନୂତନ ପୋଖରୀ ଖନନ ପାଇଁ କେତେ ଅର୍ଥ ବିନିଯୋଗ ହୋଇଛି ଓ କେତେଜଣ ହିତାଧିକାରୀଙ୍କୁ ମତ୍ସ୍ୟଚାଷ ଭିତ୍ତିଭୂମି ଉନ୍ନୟନ ଓ ପୋଖରୀ ଖନନ ପାଇଁ କେତେ ଋଣ ଓ ସବ୍‌ସିଡ୍ ପ୍ରଦାନ କରାଯାଇଛି,ଏବଂ (ଖ) ଜିଲ୍ଲାରେ ବିଗତ ତିନି ବର୍ଷରେ ମାଛ ଚାଷ ମାଧ୍ୟମରେ କେତେ ମାଛ ଚାଷୀ ଲାଭବାନ ହୋଇଛନ୍ତି ?

----

## କୃଷି ଭିତ୍ତିଭୂମି ଉନ୍ନୟନ

3155 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ः**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କୃଷି ନୀତି ଅନୁଯାୟୀ ବିଗତ ତିନି ବର୍ଷରେ କେନ୍ଦୁଝର ଜିଲ୍ଲାର କେଉଁ ବ୍ଲକ ଓ ପୌରାସଂସ୍କାର କେଉଁ ହିତାଧିକାରୀମାନଙ୍କୁ କୃଷି ଫାର୍ମ, ଉଦ୍ୟାନ କୃଷି ଫାର୍ମ, ଗଭୀର ଓ ଅଗଭୀର ନଳକୂପ ଖନନ, କୃଷି ଯନ୍ତ୍ରପାତି, କୃଷି ଉପକରଣ ଓ କୃଷି ଭିତ୍ତିଭୂମି ଉନ୍ନୟନ ପାଇଁ କେତେ ଋଣ ଓ ସବସିଡ୍ ଯୋଗାଇ ଦିଆଯାଇଛି ?

----

## ସମବାୟ ଆନ୍ଦୋଳନକୁ ସକ୍ରିୟ କରିବାକୁ କି ପଦକ୍ଷେପ

3156 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲାରେ କେତେଗୋଟି ସମବାୟ ସମିତିରେ କେତେଜଣ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ପଛୁଆବର୍ଗ, ସଂଖ୍ୟାଲଘୁ, ସାଧାରଣ ବର୍ଗ (ପୁରୁଷ ଓ ମହିଳା) ସଭ୍ୟଭୁକ୍ତ ହୋଇଛନ୍ତି, ଏହି ସମବାୟ ସଂସ୍ଥାମାନଙ୍କର ବିଗତ ତିନି ବର୍ଷରେ ଅଂଶଧନ, ଜମାରାଶି, ଋଣ ଲଗାଣ ଓ ଋଣ ଆଦାୟ ସ୍ଥିତି କ'ଣ ଦର୍ଶାଇ ଜିଲ୍ଲାରେ ସମବାୟ ଆନ୍ଦୋଳନକୁ ସକ୍ରିୟ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଜଳ ବିଦ୍ୟୁତ୍ ଉତ୍ପାଦନ

3157 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲାର ଚମ୍ପୁଆ ନିର୍ବାଚନ ମଣ୍ଡଳୀର କାନପୁର, ବୃହତ ନଦୀବନ୍ଧ ଜଳସେଚନ ପ୍ରକଳ୍ପରୁ କେତେ ମେଗାୱାଟ୍ ଜଳ ବିଦ୍ୟୁତ୍ ଉତ୍ପାଦନ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇ କେତେ ବ୍ୟୟ ଅଟକଳ କରାଯାଇ ଏହି ପ୍ରକଳ୍ପ କାର୍ଯ୍ୟର କେତେ ଶତାଂଶ କାର୍ଯ୍ୟ ଆରମ୍ଭ ହୋଇଛି ଓ ଏଠାରୁ କେବେ ସୁଦ୍ଧା ଜଳ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ କରାଯିବ ?

----

## E-KYC process

3158 **Smt. Sofia Firdous (Barabati-cuttack):**

Will the Minister for **Food Supplies & Consumer Welfare** be pleased to state that:-:-

(a) How many ineligible beneficiaries have been identified for PDS ration through the eKYC process, and will the govt. provide district-wise details of such ineligible beneficiaries; (b) What criteria or verification methods are being used by the Department to ensure that those identified as ineligible are indeed ineligible and no eligible beneficiary has been wrongly excluded due to the eKYC process; What is the remedy or grievance redressal mechanism in place in case an eligible beneficiary has been wrongly excluded due to the eKYC process; Would the ration cards of those identified as ineligible beneficiaries be deleted, and if so, what procedure or guideline has been

issued in this regard?

----

**Installations of Smart Meter**

3159 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(a) The detailed number of residential houses, shops, and commercial consumers enlisted under TPCODL in Barabati-Cuttack, categorized slab-wise and unit-wise for each electrical section; (b) How many smart meter installations are still pending, and what are the reasons for the delay; How many complaints have been received regarding double or triple electricity bills from consumers with smart meters, and what actions have been taken by the department to address these complaints ?

----

**Purchase of Energy**

3160 **Smt. Sofia Firdous (Barabati-cuttack):**

Will the Minister for **Energy** be pleased to state that:-:-

(a) For the year 2024-25, how much energy has been purchased by GRIDCO from NTPC, OPGC, and OHPC, and at what price per unit; (b) For the year 2024-25, how much energy has been purchased by GRIDCO from the Solar Energy Corporation of India Ltd, and at what price per unit; At what price is Tata Power selling energy to domestic consumers per unit in the year 2024-25?

----

**Installation of GPS system**

3161 **Smt. Sofia Firdous (Barabati-cuttack):**

Will the Minister for **Food Supplies & Consumer Welfare** be pleased to state that:-:-

(a) Why has the GPS system not been installed in all vehicles transporting ration to dealers, despite its importance for ensuring transparency and accountability in the Public Distribution System (PDS); (b) Are there any plans to implement GPS tracking for these vehicles to prevent pilferage and ensure timely delivery; If yes, what is the timeline for the installation of GPS

systems, and if not, what are the reasons for not implementing such a system?

----

## Startups established in Odisha over the last five years

3162 **Smt. Sofia Firdous (Barabati-cuttack):**

Will the Minister for **Micro, Small & Medium Enterprises** be pleased to state that:-:-

(a) How many startups have been established in Odisha over the last five years, and will the Govt. provide district- wise details of these startups; (b) What is the total amount of loans disbursed to startups during this period, categorized district-wise; What specific support mechanisms and schemes have been provided by the government to individual startups to facilitate their growth and sustainability; How has the revenue of these startups increased as a result of the government's support, and are there any assessments conducted to measure their progress and impact?

----

## ଗହମ ଯୋଗାଣ

3163 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଓଡିଶାକୁ କେବେଠାରୁ କେନ୍ଦ୍ର ସରକାର କଣ୍ଟ୍ରୋଲ ଗହମ ଯୋଗାଣ ବନ୍ଦ କରିଛନ୍ତି ଏବଂ ଏହାର କାରଣ କ'ଣ, ଓଡିଶାରେ ବାର୍ଷିକ କେତେ ପରିମାଣର ଗହମ ଆବଶ୍ୟକ ଏବଂ କେନ୍ଦ୍ର ସରକାର କଣ୍ଟ୍ରୋଲ ଜରିଆରେ କେବେ ସୁଦ୍ଧା କେତେ ପରିମାଣ ଗହମ ଯୋଗାଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ତାହା ଉଲ୍ଲେଖ କରିବେ କି; କଣ୍ଟ୍ରୋଲ ଗହମ ଯୋଗାଣ ବନ୍ଦ ଯୋଗୁଁ ରାଜ୍ୟରେ ଅଟା ଦର ବୃଦ୍ଧି ପାଉଥିବା ସରକାରଙ୍କ ନଜରକୁ ଆସିଛି କି; ଯଦି ହଁ, ତେବେ ଅଟା ଦର ହ୍ରାସ ପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି ?

----

## ଅଧ୍ୟକ୍ଷ ପଦବୀ ପୂରଣ

3164 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗର ଅଧ୍ୟକ୍ଷ ପଦବୀଟି କେବେ ଠାରୁ ଖାଲି ପଡିଛି ଏବଂ କେତେ ସୁଦ୍ଧା ଏହି ପଦବୀ ପୂରଣ କରାଯିବ; ଗତ ୫ବର୍ଷ ମଧ୍ୟରେ ଓଇଆରସି ନିକଟରେ କେତୋଟି ଅଭିଯୋଗ ସାଧାରଣ ଲୋକେ, କେତୋଟି ଅଭିଯୋଗ କମ୍ପାନୀ ଓ ଅନ୍ୟାନ୍ୟ ସଂସ୍ଥା କରିଛନ୍ତି ଏବଂ ସେଥିରୁ କେତୋଟି 'ଏସଲା ହୋଇ କି ପଦକ୍ଷେପ ନିଆଯାଇଛି ତାହାର ଏକ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି, ବର୍ତ୍ତମାନ ଓଇଆରସିରେ ଥିବା କର୍ମଚାରୀଙ୍କ ନାମ, ପଦବୀ ଏବଂ ସେମାନଙ୍କ ପାଇଁ ବେତନ ଓ ଅନ୍ୟାନ୍ୟ ବାବଦରେ ବାର୍ଷିକ ବ୍ୟୟ ହେଉଥିବା ଅର୍ଥର ପରିମାଣ ଉଲ୍ଲେଖ କରିବେ କି?

----

## କୋଅପରେଟିଭ ସୋସାଇଟିକୁ ଜମି ଯୋଗାଣ

3165 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭୁବନେଶ୍ୱର ଓ ଏହାର ଆଖପାଖରେ କେଉଁ କେଉଁ ହାଉସିଂ କୋଅପରେଟିଭ ସୋସାଇଟିକୁ କେତେ ପରିମାଣର ଜମି ଯୋଗାଇ ଦିଆଯାଇଛି ; ସେହି ଜମିରେ ଏବେ କେତେ ଲୋକ ଘରଦ୍ୱାର କରି ବସବାସ କରୁଛନ୍ତି ; ୨୦୦୦ମସିହା ଠାରୁ କୋପରେଟିଭ ସୋସାଇଟ୍ ଗଠନ କରି ରାଜଧାନୀ ଓ ଏହାର ଆଖପାଖର ସରକାରୀ ଜମି ନେଇଥିବା ସମିତିର ନାମ, ଜମିର ପରିମାଣ ଓ ସ୍ଥାନ ସଂକ୍ରାନ୍ତରେ ସୂଚନା ଦେବେ କି ?

----

## ଦାନା ଉତ୍ପାଦନ

3166 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓମଫେଡ୍ ଅଧିନରେ ଏବେ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ପଞ୍ଜିକୃତ ଚାଷୀ ରହିଛନ୍ତି ଓ ସେମାନଙ୍କ ନିକଟରେ କେତେ ସଂଖ୍ୟକ ଗାଈ ଓ ମଇଁଷି ଅଛନ୍ତି ; ଓମଫେଡ୍ ଅନୁବନ୍ଧିତ ଚାଷୀମାନଙ୍କୁ ସୁଲଭ ଦରରେ ଗୋଖାଦ୍ୟ ସମେତ ଔଷଧ ଆଦି ଯୋଗାଇ ଦେବାପାଇଁ ଓମଫେଡ୍ କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛି ; ଓମଫେଡ୍‌ର ନିଜସ୍ୱ ଗୋଖାଦ୍ୟ ପ୍ରସ୍ତୁତ କାରଖାନା କେବେ କେଉଁଠାରେ ପ୍ରତିଷ୍ଠା ହୋଇଥିଲା ଓ ବର୍ତ୍ତମାନ ଏଥିରୁ ବାର୍ଷିକ କେତେ ଦାନା ଉତ୍ପାଦନ ହେଉଛି ?

----

## ହସ୍ତତନ୍ତ ସାମଗ୍ରୀ ରପ୍ତାନୀ ପରିମାଣ

3167 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଝାରସୁଗୁଡା, ସମ୍ବଲପୁର, ବରଗଡ ଓ ସୋନପୁର ଜିଲ୍ଲାରେ କେତେ ସଂଖ୍ୟକ ବୁଣାକାର ଅଛନ୍ତି ଓ ଏମାନେ ବାର୍ଷିକ କେତେ ପରିମାଣର ଲୁଗା, କପଡା ଓ ଅନ୍ୟାନ୍ୟ ହସ୍ତତନ୍ତ ସାମଗ୍ରୀ ଉତ୍ପାଦନ କରୁଛନ୍ତି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି; ଏହିସବୁ ଜିଲ୍ଲାରୁ ଗତ ୫ବର୍ଷ ମଧ୍ୟରେ କେତେ ପରିମାଣର ହସ୍ତତନ୍ତ ସାମଗ୍ରୀ ରାଜ୍ୟ ତଥା ଦେଶ ବାହାରକୁ ରପ୍ତାନି ହୋଇଛି ତାହାର ବର୍ଷୱାରୀ ଏକ ତାଲିକା ପ୍ରଦାନ କରିବେ କି ?

----

## ଉଦ୍ୟାନ କୃଷିର ବିକାଶ

3168 **ଶ୍ରୀ ଗଣେଶ୍ବର ବେହେରା (କେନ୍ଦ୍ରାପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ଉଦ୍ୟାନକୃଷିର ବିକାଶ ପାଇଁ ସରକାର କି କି ଯୋଜନାମାନ ପ୍ରସ୍ତୁତ କରିଛନ୍ତି ତାର ବିବରଣୀ ଦେବେ କି ; (ଖ) କେନ୍ଦ୍ରାପଡ଼ା ଜିଲ୍ଲାରେ ଉଦ୍ୟାନ କୃଷିର ବିକାଶ ନିମନ୍ତେ କେଉଁ କେଉଁ ବ୍ଲକରେ ଗତ ୨୦୧୯ -୨୦ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କେଉଁ କେଉଁ ସ୍ଥାନରେ କେତେ କେତେ ଅର୍ଥ ବରାଦ କରି କି କି ବ୍ୟବସ୍ଥାମାନ କରିଛନ୍ତି ?

----

## ରିଟେଲର ନିଯୁକ୍ତି

3169 **ଶ୍ରୀ ଗଣେଶ୍ବର ବେହେରା (କେନ୍ଦ୍ରାପଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ କେଉଁ କେଉଁ ଜିଲ୍ଲାର କେତେ କେତେ ସଂଖ୍ୟାକ ରିଟେଲରମାନଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇ ସାଧାରଣ ବଣ୍ଟନ ସାମଗ୍ରୀ ଆବଣ୍ଟିତ କରାଯାଉଛି ; (ଖ) କେନ୍ଦ୍ରାପଡ଼ା ଜିଲ୍ଲାର କେଉଁ କେଉଁ ବ୍ଲକରେ କେଉଁ କେଉଁ ରିଟେଲର ସ୍ଥାନ ଖାଲିଅଛି ତାର ବିବରଣୀ ସହ ଏହି ଖାଲିଥିବା ସ୍ଥାନରେ ରିଟଲର ନିଯୁକ୍ତି ପାଇଁ କି କି ନିୟମାବଳୀ ପ୍ରଣୟନ କରାଯାଉଛି ଓ କେବେ ସୁଦ୍ଧା ଏଗୁଡ଼ିକୁ ପୂରଣ କରାଯିବ ?

----

## ମାଗଣା ବିଦ୍ୟୁତ ଯୋଗାଣ

3170 **ଶ୍ରୀ ଗଣେଶ୍ବର ବେହେରା (କେନ୍ଦ୍ରାପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ଘରୋଇ ଉପଭୋକ୍ତାମାନଙ୍କୁ 300 ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ଯୋଗାଇଦେବାକୁ କୌଣସି ଯୋଜନା ସରକାରଙ୍କ ବିଚାରଧୀନ ଅଛି କି, ଯଦି ହଁ, ତେବେ ତାହା କେବେ କାର୍ଯ୍ୟକାରୀ ହେବ?

----

## ବିଜୁଳି ବ୍ୟବହାର

3171 **ଶ୍ରୀ ଗଣେଶ୍ବର ବେହେରା (କେନ୍ଦ୍ରାପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ସମୁଦାୟ କେତେସଂଖ୍ୟାକ ଘରୋଇ ଉପଭୋକ୍ତା ଅଛନ୍ତି ଓ ସେମାନଙ୍କ ମଧ୍ୟରୁ କେତେସଂଖ୍ୟାକ ଉପଭୋକ୍ତା ମାସିକ 50 ୟୁନିଟ୍/ 100 ୟୁନିଟ୍ /200 ୟୁନିଟ୍ /300 ୟୁନିଟ୍ ପର୍ଯ୍ୟନ୍ତ ବ୍ୟବହାର କରୁଛନ୍ତି ହିସାବ ରଖିବେ କି, (ଖ) 300 ୟୁନିଟ୍ ପର୍ଯ୍ୟନ୍ତ ବ୍ୟବହାର କରୁଥିବା ବିଦ୍ୟୁତ ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ଦେୟଗୁଡିକରେ ସରକାରଙ୍କ ଉପରେ କେତେ ଆର୍ଥିକ ବୋଝ ବାର୍ଷିକ ପଡିବ ତାର ଆକଳନ କରିଛନ୍ତି କି, ଯଦି ହଁ, ତାର ବିବରଣୀ ଦେବେକି ?

----

## ଭାଗଚାଷୀ ସଂଖ୍ୟା

3172 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କେନ୍ଦ୍ରାପଡା ଜିଲ୍ଲାର କେଉଁ କେଉଁ ବ୍ଲକରେ କେତେ ସଂଖ୍ୟକ ଚାଷୀ, କ୍ଷୁଦ୍ର ଚାଷୀ ଓ ନାମମାତ୍ର ଚାଷୀ ଅଛନ୍ତି ତାର ବିବରଣୀ ଦେବେକି, (ଖ) ଏହି ଜିଲ୍ଲାରେ କେତେ ସଂଖ୍ୟକ ଭାଗଚାଷୀ ଅଛନ୍ତି ତାର ଆକଳନ କରାଯଉଛି କି?

----

## ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା

3173 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପ୍ରାକୃତିକ ବିପର୍ଯ୍ୟସ୍ତ ଓ ମରୁଡ଼ି ପରିସ୍ଥିତିକୁ ଦେଖି ଅନେକ ସମୟରେ ଚାଷୀମାନେ ଋଣଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଥିବା ସରକାର ଅବଗତ ଅଛନ୍ତି କି ; ଯଦି ଉତ୍ତର ହଁ ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଫସଲ ବୀମା ଯୋଜନାରେ କେତେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ଚାଷୀମାନଙ୍କୁ ପଞ୍ଜୀକରଣ କରାଇଛନ୍ତି ; କେତେ ଚାଷୀଙ୍କୁ ଫସଲ ବୀମାରାଶ କେଉଁ ବ୍ୟାଙ୍କ ଜରିଆରେ ପାଉଛନ୍ତି ?

----

## କୁକୁଡା ଚାଷ ପାଇଁ ପ୍ରୋତ୍ସାହନ

3174 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ କେତେ ହିତାଧିକାରୀଙ୍କୁ କୁକୁଡା ଚାଷ କରିବା ପାଇଁ ଆତ୍ମନିର୍ଭରଶୀଳ ହେବା ସହ ରୋଜଗାରକ୍ଷମ ହେବା ପାଇଁ ପ୍ରୋତ୍ସାହନ ଦେଇ ଥଇଥାନ କରିଛନ୍ତି କି, ଯଦି ଉତ୍ତର ନାଁ, ବେକାର ଶିକ୍ଷିତ ଯୁବକ ଓ ଯୁବତୀମାନଙ୍କୁ ଆର୍ଥିକ ସହାୟତା ସହ କୁକୁଡା ଚାଷ ପାଇଁ ତାଲିମ ଦେଇ ଥଇଥାନ କରିବାକୁ ପଦକ୍ଷେପ ଗ୍ରହଣ କରିବେକି?

----

## ଭୂଲ ମିଟର Reading

3175 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଅବିଭକ୍ତ କୋରାପୁଟ ଜିଲ୍ଲାରେ Tata Company Electricity ନେବା ପରଠାରୁ ଭୂଲ ମିଟର Reading ମନଇଚ୍ଛା Bill ବିଭାଗୀୟ କର୍ମଚାରୀମାନେ ଭୁଲ ତଥ୍ୟ ଯୋଗୁଁ ଅତ୍ୟଧିକ Bill ଆସିବା କାରଣରୁ ଗରିବ କଞ୍ଜୁମର ମାନେ Bill ପୈଠ ନ କରିବା ଫଳରେ କର୍ମଚାରୀମାନେ ଯୋରଜବରଦସ୍ତ କରେଣ୍ଟ କାଟିକି ପଳାଉଛନ୍ତି, ଆଜିକା ଦିନରେ ବିଜୁଳୀ ବିନା ଚଳିବା କଷ୍ଟ ହେବା ଯୋଗୁଁ Consumer ମାନେ ବାଧ୍ୟ ବାଧକତାରେ ଋଣ ଆଣି ଋଣଗ୍ରସ୍ତ ହୋଇ ବିଲ୍ ପୈଠ କରି ବିଜୁଳୀ ଆଣୁଛନ୍ତି ଫଳରେ ସରକାର ଏହାକୁ ଜରୁରୀ ଭାବି ପଦକ୍ଷେପ ଗ୍ରହଣ କରିବେ କି ?

----

## ମାଛ ଚାଷ କରାଇ ପଞ୍ଚାୟତକୁ ରାଜସ୍ୱ ଆଦାୟ

3176 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ପ୍ରତି ପଞ୍ଚାୟତମାନଙ୍କରେ ମାଛ ଚାଷ କରାଇ ପଞ୍ଚାୟତକୁ ରାଜସ୍ୱ ଆଦାୟ କରିବାକୁ ସହାୟକ କରାଇବେ କି, (ଖ) ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ହିତାଧିକାରୀ ଚୟନ କରି ଗାଇ, ଛେଳି ଚା, କରି ରୋଜଗାରକ୍ଷମ ହେବା ପାଇଁ ପ୍ରୋତ୍ସାହନ ଦେବା ସହ ତାଲିମ ଦେଇ ହିତାଧିକାରୀମାନଙ୍କୁ ଋଣ ଦେଇ ଥଇଥାନ କରିବେ କି ?

----

## ହସ୍ତତନ୍ତ କାରିଗରମାନଙ୍କୁ ତାଲିମ

3177 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାଲକାନଗିରୀ ଜିଲ୍ଲାରେ ହସ୍ତତନ୍ତ କାରିଗରମାନଙ୍କୁ କେତେ ଜାଗାରେ ଚିହ୍ନଟ କରି କେତେଜଣଙ୍କୁ କି ପ୍ରକାର ପ୍ରୋତ୍ସାହନ ଦେଇ ରୋଜଗାରକ୍ଷମ ପାଇଁ ତାଲିମ ଦେଇ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଡ଼ଙ୍ଗରିଆଙ୍କ ସାଲର ଚାହିଦା

3178 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାୟଗଡା ଜିଲ୍ଲାର ଆଦିମ ଜନଜାତି ଡଙ୍ଗରିଆଙ୍କ ସାଲର ଚାହିଦା ଦେଶ ବିଦେଶରେ ରହିଛି ସତ କିନ୍ତୁ ବର୍ତ୍ତମାନ ସାଲ୍ ଦାମ କେତେ ଏବଂ କେଉଁଠି ଉପଲବ୍ଧ ରହିଛ, ଏହି ସାଲ୍ ବୁଣା କାର୍ଯ୍ୟ ନିୟମଗିରି ପହାଡର କେଉଁ କେଉଁ ଗ୍ରାମର କେତେ ଜଣ ମହିଳା ସ୍ୱାବଲମ୍ବୀ ହୋଇଛନ୍ତି, ଏମାନଙ୍କ ପାଇଁ କେଉଁ ସଂସ୍ଥା ତଦାରଖ କରୁଥିଲେ, ଗୋଟିଏ ସାଲ ତିଆରି ପାଇଁ କେତେ ଦିନ ଲାଗୁଛି କେତେ ପାରିଶ୍ରମିକ ଦିଆଯାଉଛି, ଏହି ସାଲ୍ ବୁଣା ପାଇଁ ସୂତା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଦ୍ରବ୍ୟ କେଉଁ କେଉଁ ଠାରୁ କ୍ରୟ କରାଯାଉଛି ?

----

## ଖୋଳାଯାଇଥିବା ପୋଖରୀର ସଂଖ୍ୟା

3179 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାୟଗଡ଼ା ନିର୍ବାଚନ ମଣ୍ଡଳୀରେ କେଉଁ ଗ୍ରାମ ପଞ୍ଚାୟତରେ କେଉଁ ଗ୍ରାମରେ ବିଗତ 5 ବର୍ଷରେ କେତୋଟି ନୂତନ ପୋଖରୀ ଖୋଳାଯାଇଛି ; କେଉଁ ପୋଖରୀ ପୁନରୁଦ୍ଧାର କରାଯାଇ କେତେ ଅର୍ଥ ଖର୍ଚ୍ଚ କରାଯାଇଛି; କେଉଁ ହିତାଧିକାରୀ ମତ୍ସ୍ୟ ଚାଷ ନିମନ୍ତେ କେତେ ଋଣ ଓ ସବସିଡି ପ୍ରଦାନ କରାଯାଇଛି ?

----

## ଆଧୁନିକ ଜ୍ଞାନ କୌଶଳ ତାଲିମ

3180 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ମରୁଡ଼ି ଥିବା ଜମିର ପରିମାଣ

3181 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ଉତ୍ପାଦିତ ବିଦ୍ୟୁତର ପରିମାଣ

3182 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଗତ-5 ବର୍ଷ ମଧ୍ୟରେ ରାଜ୍ୟରେ କେଉଁ ବର୍ଷ କେତେ ପରିମାଣର ବିଦ୍ୟୁତ ଉତ୍ପାଦିତ ହୋଇଛି; ଏହି ବର୍ଷ ଗୁଡିକରେ ଓଡ଼ିଶାରୁ ଅନ୍ୟ ରାଜ୍ୟକୁ କେତେ ପରିମାଣର ବିଦ୍ୟୁତ ଦିଆଯାଇଛି ଏବଂ ଅନ୍ୟ ରାଜ୍ୟରୁ ବିଦ୍ୟୁତ ଅଣାଯାଇଛି, ରାଜ୍ୟରେ ବ୍ୟବହୃତ ହେଉଥିବା ବିଦ୍ୟୁତ ଶକ୍ତିରୁ ଘରୋଇ ବ୍ୟବହାର, ବ୍ୟବସାୟିକ ସଂସ୍ଥା, ଶିଳ୍ପ ସଂସ୍ଥା, କୃଷି, ରେଳ ଗାଡି ଓ ଜଳ ଯୋଗାଣ ତଥା ଅନ୍ୟ କେଉଁ କାର୍ଯ୍ୟ ପାଇଁ ବିଦ୍ୟୁତ ଖର୍ଚ୍ଚ ହେଉଛି ଏବଂ ଏଥିଲାଗି ୟୁନିଟ୍ ପିଛା କେଉଁ ଦରରେ ବିଦ୍ୟୁତ ଯୋଗାଇ ଦିଆଯାଉଛି ରାଜ୍ୟରେ ବ୍ୟବହୃତ ବିଦ୍ୟୁତର, କେତେ ପ୍ରତିଶତ କୃଷି ପାଇଁ ବ୍ୟବହୃତ ହେଉଛି ଏବଂ ଅନ୍ୟାନ୍ୟ କାର୍ଯ୍ୟ ଲାଗି କେଉଁ ବାବଦରେ କେତେ ପ୍ରତିଶତ ବିଦ୍ୟୁତ ବ୍ୟବହାର କରାଯାଉଛି ଏବଂ ନଷ୍ଟ ହେଉଥିବା ବିଦ୍ୟୁତ ଶକ୍ତିର ପରିମାଣ କେତେ ପ୍ରତିଶତ ?

----

## L.I. Centre ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର

3183 **ଶ୍ରୀ ମାଧବ ଧଡା (ସୋରୋ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବାଲେଶ୍ୱର ଜିଲ୍ଲାରେ କେଉଁ କେଉଁ L.I. Centre ଗୃହ ନିର୍ମାଣ ଏବଂ ମରାମତି ପାଇଁ କେତେ ଅର୍ଥ ମଞ୍ଜୁର କରାଯାଇଅଛି, ତା 'ର ଏକ ବ୍ଲକବାରୀ ତାଲିକା ଉପସ୍ଥାପନ କରିବେ କି, (ଖ) ସୋରୋ ନିର୍ବାଚନ ମଣ୍ଡଳୀରେ L.I. center ଗୁଡିକରେ କେତେଜଣ ପଶୁ ଡାକ୍ତର ଅଛନ୍ତି ଏବଂ କେତେ ସହକାରୀ କର୍ମଚାରୀ ଅଛନ୍ତି ତାହାର ଏକ ସମ୍ପୂର୍ଣ୍ଣ ବିବରଣୀ ଜଣାଇବେ କି ଏବଂ ଏ ସମ୍ପର୍କରେ ଅବଗତ ଅଛନ୍ତି କି, ଏହି ସମସ୍ୟାର ସମାଧାନ କରିବା ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି ?

----

## ତାଳପତ୍ର ବୁଣାକାରଙ୍କୁ ମାଟିପାତ୍ର ନିର୍ମାଣ ପାଇଁ ପ୍ରୋତ୍ସାହନ

3184 **ଶ୍ରୀ ମାଧବ ଧଡା (ସୋରୋ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ସୋରୋ ଓ ବାହାନଗା ଅଂଚଳରେ ହସ୍ତଶିଳ୍ପ କାରୀଗରମାନଙ୍କ ମାଧ୍ୟମରେ ତାଳ ପତ୍ର ବୁଣାକାର, ମାଟିପାତ୍ର ନିର୍ମାଣ କରୁଥିବା ଓ ବାଉଁଶର ପ୍ରସ୍ତୁତ କରୁଥିବା ସାମଗ୍ରୀ ପ୍ରସ୍ତୁତି ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବାକୁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି କି ; (ଖ ) ଏମାନଙ୍କ ମଧ୍ୟରୁ କେତେ ଜଣଙ୍କ ଦ୍ଵାରା ଗୁରୁଶିଷ୍ୟ ପରମ୍ପରା ତାଲିମ୍ (GSP) ଯୋଜନାରେ କେତେ ସଂଖ୍ୟକ ଶିକ୍ଷାର୍ଥୀଙ୍କ ହସ୍ତଶିଳ୍ପ ତାଲିମ ପ୍ରଦାନ କରାଯାଇଛି ଓ ଚଳିତ ବର୍ଷ କେତେ ଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି, ସୋରୋ ଓ ବାହାନଗା ବ୍ଲକର ବିବରଣୀ ପ୍ରଦାନ କରିବେ କି ଏବଂ ଗୁରୁ ଶିଷ୍ୟ ପରମ୍ପରା ଯୋଜନାରେ ଅଧିକ ସଂଖ୍ୟକ ଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ ସହ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ୨ ହଜାରରୁ ବୃଦ୍ଧି କରି ସର୍ବନିମ୍ନ ମଜୁରୀ ହାରରେ ବୃଦ୍ଧି ରାଶି ପ୍ରଦାନ ପାଇଁ ବ୍ୟବସ୍ଥା କରିବେ କି ?

----

## ସୋରେରେ ବିକାଶମୂଳକ କାର୍ଯ୍ୟ

3185 **ଶ୍ରୀ ମାଧବ ଧଡା (ସୋରୋ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ସୋରୋ ନିର୍ବାଚନ ମଣ୍ଡଳୀର ବିଗତ ୧୦ ବର୍ଷରେ ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ ବିଭାଗ ତରଫରୁ କେଉଁ ପ୍ରକାର ବିକାଶ ମୂଳକ କାର୍ଯ୍ୟ କରାଯାଇ କେତେ ଟଙ୍କା ଲେଖାଏଁ ବ୍ୟୟ କରାଯାଇଛି ଓ ଆଗାମୀ ବର୍ଷ କେଉଁ ପ୍ରକାର ବିକାଶ ମୂଳକ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଛି ;( ଖ ) ଏହି ମାଧ୍ୟମରେ କେତେ ସଂଖ୍ୟାର ଯୁବକ/ଯୁବତୀ ଓ ପୁରୁଷ /ମହିଳାକୁ ଆତ୍ମନିଯୁକ୍ତି ଦିଆଯାଇପାରିଛି ଏହାର ଏକ ସୋରୋ ପୌରାଞ୍ଚଳ ଓ ସୋରୋ ଓ ବାହାନଗା ବ୍ଲକୱାରୀ ଜଣାଇବେ କି ?

----

## ଦାନା ପ୍ରଭାବରେ ହୋଇଥିବା କ୍ଷତିର ପୁନରୁଦ୍ଧାର

3186 **ଶ୍ରୀ ମାଧବ ଧଡା (ସୋରୋ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ( କ ) "ଦାନା" ପ୍ରଭାବରେ ସୋରୋ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ଅଞ୍ଚଳ ପ୍ରଭାବିତ ହୋଇଥିଲା, ବିଜୁଳୀ ବିଭାଗର କି କି କ୍ଷୟକ୍ଷତି ହୋଇଛି ଏଗୁଡିକର ପୁନଃ ଉଦ୍ଧାର ନିମନ୍ତେ ସରକାର କି କି ପଦକ୍ଷେପ ନେଇଛନ୍ତି ତାହା ଜଣାଇବେ କି ; (ଖ) ସୋରୋ ନଟପଡା ୧୩୨/୩୩ କେଭି ଗ୍ରୀଡ଼ ସବଷ୍ଟେସନରୁ ସୋରୋ, ଅନନ୍ତପୁର ଓ ଗୋପାଳପୁର ସବଷ୍ଟେସନ କୁ ୩୩ କେଭି ଭୂତଳ କେବୁଲ୍ ପାଇଁ ପଦକ୍ଷେପ ଗ୍ରହଣ କରିବେ କି ; ଯାହାଦ୍ଵାରା କି ହସ୍ପିଟାଲକୁ ବାତ୍ୟା ପରେ ଖୁବ ଶୀଘ୍ର ବିଦ୍ୟୁତ ସେବା ଯୋଗାଇଦିଆଯିବ ।

----

## ସୋରୋରେ ବିଦ୍ୟୁତକରଣ ପାଇଁ ଯୋଜନା

3187 **ଶ୍ରୀ ମାଧବ ଧଡା (ସୋରୋ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ ) ସୋରୋ ନିର୍ବାଚନ ମଣ୍ଡଳୀର ଥିବା ରାଜସ୍ବ ଗ୍ରାମ - ପଡାଗ୍ରାମ ମଧ୍ୟରୁ ଅଦ୍ୟାବଧି କେତେ ସଂଖ୍ୟକ ଗ୍ରାମ - ପଡାଗ୍ରାମରେ ବିଦ୍ୟୁତ୍ କରଣ ହୋଇ ପାରିନାହିଁ ସୋରୋ ଓ ବାହାନଗା ବ୍ଲକରେ ସମୁଦାୟ ପରିବାର ଗୃହ ସଂଖ୍ୟା କେତେ, କେତେ ସଂଖ୍ୟକ ପରିବାରରେ ଅଦ୍ୟାବଧି ବିଦ୍ୟୁତ ସେବାର ସୁବିଧା ଉପଲବ୍ଧ ହୋଇପାରିନାହିଁ ; ( ଖ ) ବିଦ୍ୟୁତ ସେବାରୁ ବଞ୍ଚିତ ଥିବା ପରିବାରକୁ କେବେ ସୁଦ୍ଧା ବିଦ୍ୟୁତ୍କରଣ କରାଯିବାର ଯୋଜନା ରହିଛି ?

----

## ପଥର ଶିଳ୍ପ ପ୍ରତିଷ୍ଠା

3188 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୟୁରଭଞ୍ଜ ଜିଲ୍ଲାରେ କି କି ପଥର ଶିଳ୍ପ ପ୍ରତିଷ୍ଠା ପାଇଁ ଉପଯୁକ୍ତ ଭିତ୍ତିଭୂମି ଅଛି ଓ ଯଦି ନଥାଏ ଏହି ଭିତ୍ତିଭୂମି ବୃଦ୍ଧି ପାଇଁ ବିଗତ 5 ବର୍ଷରେ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି କହିବା ସହିତ ଆଗାମୀ ଦିନରେ ମୟୁରଭଞ୍ଜ ଜିଲ୍ଲାକୁ ଶିଳ୍ପାୟନ କରିବା ପାଇଁ ସରକାରଙ୍କ ଯୋଜନା ସମ୍ପର୍କରେ ସୂଚନା ଦେବେ କି?

----

## ମାଗଣାରେ ନୂତନ ବିଜୁଳି କନେକ୍ସନ

3189 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ)ସୌଭାଗ୍ୟ ଯୋଜନା ଭଳି ଗରିବଙ୍କୁ ମାଗଣାରେ ନୂତନ ବିଜୁଳି କନେକ୍ସନ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କିଛି ଯୋଜନା ହାତକୁ ନିଆଯାଉଛି କି ; ଯଦି ହଁ ଏହାର ସମ୍ପୂର୍ଣ ତଥ୍ୟ ବ୍ଲକ ୱାରୀ କେଉଁ ବ୍ୟକ୍ତିଙ୍କୁ ଦିଆଯାଇଛି ଦେବା ସହ ଆର୍ଥିକ ବର୍ଷ ୨୪/୨୫ରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ପାଇଁ କେତେ ଅର୍ଥ ବ୍ୟୟରେ କେଉଁ ସବୁ କାର୍ଯ୍ୟ ବା ପ୍ରକଳ୍ପ ହାତକୁ ନିଆଯିବା ପାଇଁ ଯୋଜନା ହୋଇଛି, ଭିତ୍ତିଭୂମି ବିକାଶ, ନୂତନ Transformer ତଥା underground Caballing ସମେତ ନୂତନ ଗ୍ରୀଡ ସବ-ଷ୍ଟେସନ ଇତ୍ୟାଦି ବ୍ଲକୱାରୀ କେତେ ପରିମାଣର ଲଗେଇବେ ?

----

## ସମବାୟ ସଂସ୍ଥା ଦ୍ଵାରା ପରିଚାଳିତ ହାଟ

3190 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଙ୍ଗିରିପୋଷି, ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ହାଟ ଗୁଡ଼ିକ ସମବାୟ ସଂସ୍ଥା ଦ୍ଵାରା ପରିଚାଳିତ ହେଉଅଛି ଓ ଏହାର ବିକାଶ ସାଧନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## Science ସେଣ୍ଟର / Park ଏବଂ Planetarium ନିର୍ମାଣର ଅଗ୍ରଗତି

3191 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୟୂରଭଞ୍ଜ ଜିଲ୍ଲା ପାଇଁ ମଞ୍ଜୁର ହୋଇଥିବା Science ସେଣ୍ଟର /Park ଏବଂ Planetarium ନିର୍ମାଣର ଅଗ୍ରଗତି ଓ Present Status ସମ୍ବନ୍ଧେ ବିବରଣୀ ଦେବେ କି?

----

## Divident ପ୍ରଦାନ ପାଇଁ ପଦକ୍ଷେପ

3192 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶାରେ କେତେଗୋଟି ସମବାୟ ସମିତି ରହିଛି, କେତୋଟି ସମବାୟ ସମତି ବିଗତ ୧୦ ବର୍ଷରେ Divident ପ୍ରଦାନ କରିଛି ;ଏହାର ସମିତିୱାରୀ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ?

----

## କୃଷକମାନଙ୍କ ଆୟ ବୃଦ୍ଧି

3193 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କୃଷକମାନଙ୍କର ଆୟବୃଦ୍ଧି ପାଇଁ ଓ କ୍ଷୁଦ୍ର ନାମମାତ୍ର ଚାଷୀ, ଭାଗଚାଷୀ, ଭୂମିହୀନ ଚାଷୀଙ୍କ ସ୍ୱାର୍ଥ ରକ୍ଷାର ବିକାଶ ପାଇଁ ସରକାର କେଉଁ କେଉଁ ବିଷୟ ପ୍ରତି ଧ୍ୟାନ ଦେଉଛନ୍ତି; ଜୈବିକ କୃଷି ଆଦର ପାଇଁ ସରକାରଙ୍କ ପଦକ୍ଷେପ କଣ ?

----

## କୃଷକମାନଙ୍କୁ ଆର୍ଥିକ ସହାୟତା

3194 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ମୋଟ କେତେ ଗୋଟି ଶିତଳ ଭଣ୍ଡାର ରହିଅଛି ସେଥିମଧ୍ୟରୁ ଅଦ୍ୟାବଧି କେତେଗୋଟି ଶୀତଳ ଜଳଭଣ୍ଡାର କାର୍ଯ୍ୟକ୍ଷମ ଅଛି, କେତୋଟି ଅଚଳାବସ୍ଥାରେ ରହିଅଛି; ତାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ; ଅଚଳାଅବସ୍ଥା ଭାବେ ପଡିଥିବା ଶିତଳ ଭଣ୍ଡାର କେବେ ସୁଦ୍ଧା କାର୍ଯ୍ୟକାରୀ ହେବ; ରାଜ୍ୟରେ ବହୁ ସମୟରେ ପଣ୍ୟଦ୍ରବ୍ୟର କୃତ୍ରିମ ଅଭାବ ଆକାଶଛୁଆଁ ଦରଦାମକୁ ରୋକିବା ପାଇଁ କୃଷକ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଇ କୃଷକମାନେ ପଣ୍ୟଦ୍ରବ୍ୟ ଚାଷ କରିବା ନିମନ୍ତେ ଉତ୍ସାହିତ ହେବା ସହିତ ପଣ୍ୟଦ୍ରବ୍ୟକୁ ଶିତଳ ଭଣ୍ଡାରରେ ଗଚ୍ଛିତ କରିବା ନିମନ୍ତେ କି କି ବ୍ୟବସ୍ଥା ଗ୍ରହଣ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ବିଜୁଳି ପ୍ରଦାନ

3195 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ମୋଟ କେତେ ପରିବାରଙ୍କୁ ବିଜୁଳି ପ୍ରଦାନ କରାଯାଇ ଅଛି, ଅବଶିଷ୍ଟ କେତେ ପରିବାର ବିଦ୍ୟୁତ ପାଇବାରୁ ବଞ୍ଚିତ ଅଛନ୍ତି, ରାଜ୍ୟର ସମସ୍ତ ଜିଲ୍ଲାର ବ୍ଲକୱାରୀ ତାଲିକା ପ୍ରଦାନ କରିବେ କି; ତତ୍ ସହିତ ବିଦ୍ୟୁତ ପାଇବାରୁ ବଞ୍ଚିତ ରହିଥିବା ପରିବାରଙ୍କୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ କେଉଁ କେଉଁ ଯୋଜନା ସହାୟତାରେ ତତ୍କାଳ ବିଦ୍ୟୁତ ପ୍ରଦାନ ନିମନ୍ତେ କି କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ନୂତନ ରାସନ କାର୍ଡ଼ ପ୍ରଦାନ

3196 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୁଆପଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୂଆପଡ଼ା ନିର୍ବାଚନ ମଣ୍ଡଳିର ନୂଆପଡ଼ା ଏବଂ କୋମନା ବ୍ଲକ, ଖରିଆର ରୋଡ୍ ଏବଂ ନୂଆପଡ଼ା ବିଜ୍ଞାପିତ ଅଞ୍ଚଳରେ ନୂତନ ଭାବେ ରାସନକାର୍ଡ଼ ପାଇଁ Online ଯୋଗେ କେତେ ଲୋକ apply କରିଛନ୍ତି, ଯେଉଁମାନେ online ରାସନ କାର୍ଡ଼ apply କରିଛନ୍ତି ସେମାନଙ୍କୁ କେବେସୁଦ୍ଧା ନୂତନ ରାସନ କାର୍ଡ଼ ମିଳିବ ?

----

## ନୂତନ ହିତାଧିକାରୀଙ୍କ ନାମ ସାମିଲ କରିବା ପାଇଁ ପଦକ୍ଷେପ

3197 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୁଆପଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ରାସନ କାର୍ଡ଼ଧାରୀଙ୍କ ପରିବାରରେ ଯେଉଁମାନଙ୍କର ନାମ ନାହିଁ ନୂତନଭାବେ ନାମ ଯୋଡ଼ିବା ପାଇଁ କେତେ ଲୋକ ଦରଖାସ୍ତ କରିଛନ୍ତି, ଯେଉଁମାନେ ନୂତନଭାବେ ଦରଖାସ୍ତ କରିଛନ୍ତି କେବେସୁଦ୍ଧା ସେମାନଙ୍କର ନାମକୁ ପରିବାରର ରାସନକାର୍ଡ଼ରେ ଯୋଡ଼ାଯିବ ?

----

## ମାଗଣା ବିଦ୍ୟୁତ୍ ଯୋଗାଣ

3198 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୁଆପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସରକାରୀ ଯୋଜନା ଅନ୍ତର୍ଗତ ଆବାସ ଯୋଜନାରେ ପାଇଥିବା ଘରକୁ ମାଗଣାରେ ବିଜୁଳି ଯୋଗାଇ ଦେବାର ବ୍ୟବସ୍ଥା ସରକାରଙ୍କର ଅଛି କି; ଯଦି ହଁ, ତେବେ ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ମାଗଣା ବିଜୁଳି ଯୋଗାଇବା ପାଇଁ କେତେଜଣ ଦରଖାସ୍ତ କରିଛନ୍ତି, କେବେସୁଦ୍ଧା ସରକାର ସେମାନଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦେବେ?

----

## Electric System Improvement ପାଇଁ ହୋଇଥିବା ଖର୍ଚ୍ଚ

3199 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୁଆପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ Electric System Improvement କରିବା ପାଇଁ ୨୦୨୨-୨୩ ଏବଂ ୨୦୨୩-୨୪ରେ କେତେ ଟଙ୍କା ମଞ୍ଜୁର କରାଯାଇଛି ?

----

## ଋଣ ଗ୍ରହୀତାଙ୍କ ସମ୍ପତ୍ତି ନିଲାମ

3200 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶା ରାଜ୍ୟ ଅର୍ଥ ନିଗମ ତରଫରୁ କେଉଁ କେଉଁ ଋଣ ଗ୍ରହୀତାଙ୍କ କେତେ ସମ୍ପତି ଓ କାରଖାନା ଜବତ କରାଯାଇଛି ତାହାର ତାଲିକା ଦର୍ଶାଇ ସେଗୁଡ଼ିକୁ ନିଲାମ କରିବାକୁ କି ପଦକ୍ଷେପ ନିଆଯାଉଛି ?

----

## ବସ୍ତ୍ର ବିକ୍ରୟ ପରିମାଣ

3201 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅମ୍ଳାନ ଓ ସମ୍ବଲପୁରୀ ବସ୍ତ୍ରାଳୟ ପକ୍ଷରୁ ବିଗତ ତିନିବର୍ଷରେ କେତେ ମୂଲ୍ୟର ବସ୍ତ୍ର ବିକ୍ରୟ କରାଯାଇ କେତେ ଲାଭ ବା କ୍ଷତି ହୋଇଛି ତାହାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ସମବାୟ ବ୍ୟାଙ୍କର ଲାଭକ୍ଷତି

3202 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର କେଉଁ ଶାଖାରେ କେତେ ଜମାରାଶି, ଋଣ ଲଗାଣ, ଋଣ ଆଦାୟ ହୋଇ ବିଗତ ତିନିବର୍ଷରେ କେତେ ଲାଭ ବା କ୍ଷତି ହୋଇଛି ?

----

## କର୍ମଚାରୀଙ୍କ ପଦୋନ୍ନତି

3203 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେନ୍ଦ୍ର ସମବାୟ ବ୍ୟାଙ୍କରେ କାର୍ଯ୍ୟରତ କର୍ମଚାରୀଙ୍କ ପଦୋନ୍ନତି ପାଇଁ କି କି ବ୍ୟବସ୍ଥା ଅଛି ଓ ସେମାନଙ୍କ ବେତନ ବୃଦ୍ଧି ସହ ପଦୋନ୍ନତି ସୁବ୍ୟବସ୍ଥିତ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଶ୍ୱେତ ବିପ୍ଳବ ଯୋଜନାର ସ୍ଥିତି

3204 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଶ୍ୱେତ ବିପ୍ଳବ ଯୋଜନା କାର୍ଯ୍ୟକାରୀ ହୋଇଥିଲା କି, ଏଥିପାଇଁ କେତେ ଅର୍ଥ ବ୍ୟୟ ବରାଦ କରାଯାଇଥିଲା, ବର୍ତ୍ତମାନ ଏହି ଯୋଜନାର ସ୍ଥିତି କଣ, ରାଜ୍ୟରେ ଆବଶ୍ୟକତା ତୁଳନାରେ ଦୁଗ୍ଧ ଉତ୍ପାଦନର ହାର କଣ ରହିଛି ?

----

## ଚାଉଳ ଯୋଗାଣ ପାଇଁ ATM ବ୍ୟବସ୍ଥା

3205 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହିତାଧିକାରୀଙ୍କୁ ସୁବିଧାରେ ଚାଉଳ ଯୋଗାଇ ଦେବା ପାଇଁ ବିଭିନ୍ନ ସହରାଞ୍ଚଳରେ ATM ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ କି, ବର୍ତ୍ତମାନ ଏହାର ସ୍ଥିତି କଣ ?

----

## ସାମଗ୍ରୀ ବିକ୍ରୀ ପାଇଁ ବ୍ୟବସ୍ଥା

3206 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବୟନ ଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପର ଉତ୍ପାଦିତ ସାମଗ୍ରୀ ବିକ୍ରୀ ପାଇଁ ରାଜ୍ୟର କେଉଁ କେଉଁ ସ୍ଥାନରେ କି ପ୍ରକାର ସୁବିଧା ସୃଷ୍ଟି କରାଯାଇଛି ?

----

## G.I. Tag ର ମାନ୍ୟତା

3207 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାର କେଉଁ କେଉଁ ଜିଲ୍ଲାର କେଉଁ ଉତ୍ପାଦିତ ସାମଗ୍ରୀକୁ ଭୌଗଳିକ ସୂଚକାଙ୍କ (G.I. Tag) ର ମାନ୍ୟତା ମିଳିଛି ?

----

## ସମବାୟ ସମିତି ମାଧ୍ୟମରେ ଋଣ ଯୋଗାଣ ସମ୍ପର୍କରେ

3208 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସମବାୟ ସିମିତି ଅଧିନରେ କେଉଁ ମାନଙ୍କୁ ଋଣ ଯୋଗାଇ ଦିଆଯାଉଅଛି, ଭୂମି ହୀନ ଓ ଭାଗ ଚାଷି ସମବାୟ ସମିତିରୁ ଋଣ ପାଇବା ପାଇଁ ଯୋଗ୍ୟ କି, ଯଦି ହଁ ତାହେଲେ ସେମାନଙ୍କ ପାଇଁ କେଉଁ କେଉଁ ନଥିପତ୍ର ଆବଶ୍ୟକ, ସେମାନେ କେତେ ଟଙ୍କା ପର୍ଯ୍ୟନ୍ତ ସର୍ବାଧିକ ଋଣ ପାଇବା ପାଇଁ ଯୋଗ୍ୟ ଅଟନ୍ତି, ନର୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନର୍ଲା ବ୍ଲକର ମୁସ୍କୁଟି ଏବଂ କର୍ମେ ଗ୍ରାମ ପଞ୍ଚାୟତର ଋଣି ଚାଷିମାନେ ରୂପ୍ରା ସମବାୟ ସମିତିରୁ ଋଣ ନେଇଥିଲେ ଏବଂ ବୀମା ପଇଠ କରିଥିଲେ, ଖରିଫ୍ 2022 ମସିହାର ଏହି ଦୁଇଗୋଟି ଗ୍ରାମ ପଞ୍ଚାୟତକୁ ମରୁଡି ଘୋଷଣା କରାଯାଇଥିଲା, ଏ ଜାବତ କିଛି ଚାଷୀ ବୀମା ଅର୍ଥ ପାଇପାରିନାହାଁନ୍ତି ?

----

## ରାସନ କାର୍ଡ ପ୍ରଦାନ

3209 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- 2024 ମସିହା ଜୁନ୍ ମାସ ଠାରୁ ଅଦ୍ୟାବଧି ନର୍ଲା ମ. ରାମପୁର, ନର୍ଲାମୁଣ୍ଡା ବ୍ଲକରେ କେତେଗୋଟି ରାସନ କାର୍ଡ ପ୍ରଦାନ କରାଯାଇଅଛି, ଯଦି ପ୍ରଦାନ କରାଯାଇଅଛି ଏହାର ଏକ ତାଲିକା ପ୍ରଦାନ କରିବେ କି, ନୂତନ ଭାବେ ସର୍ଭେ କରି ଯୋଗ୍ୟ ହିତାଧିକରୀମାନଙ୍କୁ ରାସନ କାର୍ଡ ପ୍ରଦାନ କରିବାର ବ୍ୟବସ୍ଥା କରିବେ କି ?

----

## MSME ପାର୍କରସ୍ଥିତି

3210 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା)ଃ**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

କଳାହାଣ୍ଡି ଜିଲ୍ଲାର କେସିଙ୍ଗା ନିକଟସ୍ଥ କୁର୍ଲୁପଡାଠାରେ ଥିବେ MSME ପାର୍କର ବର୍ତ୍ତମାନରସ୍ଥିତି କଣ, ଏହା ଯେଉଁ ଉଦ୍ଦେଶ୍ୟ ସାଧନ ହୋଇଛି କି, MSME ପାର୍କ ପାଇଁ ଅଧିଗ୍ରହଣ ହୋଇଥିବା 116.27 ଏକର ଜମିର ବ୍ୟବହାର କେଉଁ କେଉଁ ଉଦ୍ଦେଶ୍ୟରେ ହେଉଅଛି, ଖାଲିରହିଥିବା ଜମିର ବ୍ୟବହାର ପାଇଁ ସରକାର ପଦକ୍ଷେପ ନେବେ କି, ଯଦି ନେବେ ତାହେଲେ ତାହାର ବିବରଣୀ ପ୍ରଦାନ କରିବେ କି ?

----

## ରାସନ କାର୍ଡର ତାଲିକା

3211 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- 2024 ମସିହା ଜୁନ୍ ମାସଠାରୁ ଅଦ୍ୟାବଧି ନର୍ଲା, ମ.ରାମପୁର, କଲାମୁଣ୍ଡା ବ୍ଲକରେ କେତେଗୋଟି ରାସନ କାର୍ଡ ପ୍ରଦାନ କରାଯାଇଅଛି, ଯଦି ପ୍ରଦାନ କରାଯାଇଅଛି ଏହାର ଏକ ତାଲିକା ପ୍ରଦାନ କରିବେ କି, ନୂତନ ଭାବେ ସର୍ଭେ କରି ଯୋଗ୍ୟ ହିତାଧିକାରୀମାନଙ୍କୁ ରାସନ କାର୍ଡ ପ୍ରଦାନ କରିବାର ବ୍ୟବସ୍ଥା କରିବେ କି ?

----

## ଉତ୍ପାଦନକ୍ଷମ ଥିବା ଶିଳ୍ପର ସଂଖ୍ୟା

3212 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ପ୍ରତିଟି ଶିଳ୍ପାଞ୍ଚଳରେ ବର୍ତ୍ତମାନ କେତୋଟି ଲେଖାଏଁ ଶିଳ୍ପ ଉତ୍ପାଦନକ୍ଷମ ଅଛନ୍ତି ଓ ପ୍ରତି ଶିଳ୍ପାଞ୍ଚଳ ବାର୍ଷିକ କାରବାର କେତେ ?

----

## ହସ୍ତତନ୍ତକୁ ନକଲ କରାଉଥିବା ଅଭିଯୋଗ ସମ୍ପର୍କରେ

3213 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସମ୍ବଲପୁରୀ ଓ ରାଜ୍ୟର ଅନ୍ୟତ୍ର ଥିବା ହସ୍ତତନ୍ତକୁ ଓଡିଶା ବାହାରେ ନକଲ କରାଯାଉଥିବା ଅଭିଯୋଗ ସରକାରଙ୍କ ଦୃଷ୍ଟିକୁ ଆସିଛି କି ଓ ଉତ୍ତର ହଁ, ହୋଇଥିଲେ ଏ ସମ୍ପର୍କିତ ସବିଶେଷ ତଥ୍ୟ ଓ ପ୍ରତିକାର ପଦକ୍ଷେପ ଜଣାଇବେ କି ?

----

## ବିଜ୍ଞାନ ଓ ଗବେଷଣା ପାଇଁ କାମ କରୁଥିବା ସଂସ୍ଥା

3214 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ଖାଉଟି ସାମଗ୍ରୀ ବିକ୍ରିକ୍ଷେତ୍ରରେ ଥିବା ସମବାୟ ସଂସ୍ଥା

3215 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖାଉଟି ସାମଗ୍ରୀ ବିକ୍ରି କ୍ଷେତ୍ରରେ ରାଜ୍ୟରେ କେତୋଟି ସମବାୟ ସଂସ୍ଥା କାମ କରୁଛି ଓ ଗତ ୩ଟି ଆର୍ଥିକ ବର୍ଷରେ ପ୍ରତ୍ୟେକ ପ୍ରତି ବର୍ଷ ସେସବୁର ମୋଟ କାରବାର ଓ ଲାଭକ୍ଷତି କେତେ ଥିଲା ପ୍ରତି ସଂସ୍ଥାର ତଥ୍ୟ ଦେବେ କି ?

----

## ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡ୍ ର ପରିଚାଳିତ ଶାଖା

3216 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର କେଉଁ କେଉଁ ସ୍ଥାନରେ ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡ୍ (BDCC) ର ଶାଖା ପରିଚାଳିତ ହେଉଛି, ଉକ୍ତ ବ୍ୟାଙ୍କ ଚାଷୀମାନଙ୍କ ଉନ୍ନତି ସକାଶେ କେଉଁ କେଉଁ ଯୋଜନାରେ କେତେ ପରିମାଣରେ ଆର୍ଥିକ ଋଣ ପ୍ରଦାନ କରିବା ପାଇଁ କଣ ପ୍ରାବଧାନ ଅଛି ଏବଂ ବିଗତ ୫ ବର୍ଷରେ କେତେ ଚାଷୀଙ୍କୁ କେଉଁ ବାବଦକୁ କେତେ ପରିମାଣର ଋଣ ଯୋଗେଇ ଦିଆଯାଇଛି, ତାହାର ସମ୍ପୂର୍ଣ ତଥ୍ୟ ବ୍ୟାଙ୍କ ଶାଖା ସହ ହିତାଧିକାରୀଙ୍କ ନାମ ୱାରୀ ପ୍ରଦାନ କରିବେ କି ?

----

## Plantation କରିବା ପାଇଁ ଆସଥିବା ଅନୁଦାନର ପରିମାଣ

3217 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) କେଉଁ କେଉଁ ଫଳ ଫୁଲର Plantation କରିବା ପାଇଁ ୨୦୨୨-୨୩, ୨୦୨୪-୨୫ ଆର୍ଥିକ ବର୍ଷରେ କେତେଟଙ୍କା ଅନୁଦାନ ପ୍ରାପ୍ତ କରିଥିଲେ ଏବଂ କେଉଁ କେଉଁ ଚାରା ବର୍ତ୍ତମାନ ସୁଦ୍ଧା କେଉଁ କେଉଁ ଚାଷିକୁ କେତେ ପରିମାଣରେ ପ୍ରଦାନ କରାଯାଇଛି ଓ ଏଥପାଇଁ କେତେଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି ? (ଖ) ୨୦୨୨-୨୩, ୨୦୨୪-୨୫ ବର୍ଷରେ Human Resource Development ଅନ୍ତର୍ଗତ ରାଜ୍ୟ ରେ ଓ ରାଜ୍ୟ ବାହାରେ କେଉଁ କେଉଁ ଚଷୀ ଙ୍କୁ Training ଦେବାପାଇଁ ଚୟନ କରାଯାଇ Training ଦିଆଯାଇଛି, ଏଥିପାଇଁ କେତେ ଖର୍ଚ୍ଚ କରାଯାଇଛି ?

----

## କାର୍ଯ୍ୟକାରୀ ଯୋଜନାରେ ତାଲିକା

3218 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ପଶୁପାଳନ ଓ ମତ୍ସ୍ୟ ବିଭାଗ ଜରିଆରେ କେଉଁ କେଉଁ ଯୋଜନା କାର୍ଯ୍ୟକାରୀ କରାଯାଇଛି, ତାହାର ଗୋଟିଏ ତାଲିକା ପ୍ରଦାନ କରିବେ କି ? (ଖ) ବଲାଙ୍ଗିର ଜିଲ୍ଲାରେ ମତ୍ସ୍ୟ ବିଭାଗ ବ୍ଲକ ସ୍ତରୀୟ କାର୍ଯ୍ୟାଳୟରେ କେଉଁ ବର୍ଗର କେତେ ଜଣ ଅଧିକାରୀ କାର୍ଯ୍ୟ କରୁଛନ୍ତି ଏବଂ କେତେ ଗୋଟି ପଦବୀ ଖାଲିଅଛି ଏବଂ ଖାଲିପଡିଥିବା ପଦବୀଗୁଡିକୁ କେବେ ସୁଦ୍ଧା ପୁରଣ କରାଯିବ ?

----

## କୃଷି ବିଜ୍ଞାନ କେନ୍ଦ୍ର ଓ ମହାବିଦ୍ୟାଳୟ

3219 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ କେଉଁ ଜିଲ୍ଲାର କେଉଁ ସ୍ଥାନରେ କୃଷି ବିଜ୍ଞାନ କେନ୍ଦ୍ର ଓ ମହାବିଦ୍ୟାଳୟ ଅବସ୍ଥିତ, ଉକ୍ତ ମହାବିଦ୍ୟାଳୟ ତରଫରୁ କୃଷି ଆଧୁନିକରଣ ଉନ୍ନତ ଚାଷ ପାଇଁ କଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି, ଏଥିପାଇଁ ସେମାନଙ୍କୁ ବାର୍ଷିକ କେତେ ସରକାରୀ ସହାୟତା ପ୍ରଦାନ କରାଯାଉଛି, ତାହାର କେନ୍ଦ୍ର / ମହାବିଦ୍ୟାଳୟ ୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ଚାଷୀଙ୍କ ପ୍ରତି FAQ ଦିଗରେ ରିହାତି

3220 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବିଷମ କଟକ ନିର୍ବାଚନ ମଣ୍ଡଳୀର ମଣ୍ଡି ମାନଙ୍କରେ ସରକାରଙ୍କ ତରଫରୁ ପ୍ରସ୍ତାବିତ ଟ୍ରେନ ଅନାଲାଇଜରର ବ୍ୟବସ୍ଥା କରାଯାଇନାହିଁ, ଯେତେବେଳେ ଗ୍ରେନ ଆନାଲାଇଜର ନାହିଁ ତେବେ FAQ ମାନର ଧାନ ବୋଲି କିଭଳି ନିର୍ଦ୍ଧାରଣ କରାଯିବ ଓ ରାୟଗଡ଼ା ଜିଲ୍ଲାର ଅନେକ ମଣ୍ଡିରେ ଉପଯୁକ୍ତ ସଂରକ୍ଷଣ ସୁବିଧା,ଗୋଦାମ ର ସୁବିଧା,ସିସି କ୍ୟାମେରା ନାହିଁ, ଚାଷୀଙ୍କ ପାଇଁ ଆଶ୍ରୟସ୍ଥଳୀ ନାହିଁ, ଗ୍ରେନ ଡ୍ରାୟାର କୌଣସି ଭିତ୍ତି ଭୂମି, କୌଣସି ଆନୁସଙ୍ଗିକ ବ୍ୟବସ୍ଥା ନାହିଁ ତେବେ ଏହି ସବୁ ପ୍ରାଥମିକ ବ୍ୟବସ୍ଥା ନ କରିବା ସତ୍ତ୍ୱେ ଅଞ୍ଚଳ ର ଚାଷୀଙ୍କ ପ୍ରତି FAQ ଦିଗରେ ରିହାତି ତଥା URS PADDY ପାଇଁ ଚିନ୍ତା କରିବା ଦିଗରେ ଏବଂ ଏ ସବୁ କେବେ ସୁଦ୍ଧା ଚାଷୀମାନଙ୍କ ପାଇଁ ଉପଲବ୍ଧ କରାଯିବ ?

----

## ମୃର୍ତ୍ତିକା ସଂରକ୍ଷଣ ବିଭାଗର କାର୍ଯ୍ୟକାରୀତା

3221 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କୃଷି ବିଭାଗ ଅଧୀନରେ ଥିବା, ମୃର୍ତ୍ତିକା ସଂରକ୍ଷଣ ବିଭାଗର କାର୍ଯ୍ୟକାରିତା କଣ, ରାୟଗଡା ଜିଲ୍ଲା ତଥା ବିଷମକଟକ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଉକ୍ତ ବିଭାଗର ବ୍ଲକ ୱାରୀ କେଉଁଠି ଓ କେତୋଟି କାର୍ଯ୍ୟାଳୟ ରହିଛି, ଉକ୍ତ କାର୍ଯ୍ୟାଳୟ ଅଧୀନରେ କଣ ସବୁ ଯୋଜନା ରହିଛି ଏବଂ ବିଗତ ୧୦ ବର୍ଷ ମଧ୍ୟରେ କଣ ସବୁ ଯୋଜନା ବିଷମକଟକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକ ମଧ୍ୟରେ କରାଯାଇଛି, ସମୁଦାୟ କେତେ ଟଙ୍କା ଖର୍ଚ୍ଚ ହୋଇଛି, କେତେ ଜଣ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛନ୍ତି, କେଉଁଠି, କେଉଁ ହିତାଧିକାରୀଙ୍କୁ, କେତେ ଓ କେଉଁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି, ସେହି ହିତାଧିକାରୀ ମାନଙ୍କ ବର୍ତ୍ତମାନ ସ୍ଥିତି କଣ, କେତେ ଟଙ୍କା ମୋଟ ଖର୍ଚ୍ଚ ହୋଇଛି, କେତେ ଟଙ୍କା ମଞ୍ଜୁର ହୋଇଥିଲା, କେତେ ପ୍ରକଳ୍ପ / ଯୋଜନା ସମ୍ପୂର୍ଣ ହୋଇଛି, କେତେ ଚାଲୁ ରହିଛି, ବ୍ଲକ ୱାରୀ, ପଞ୍ଚାୟତ ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ସେରିକଲଚର ବିଭାଗର କାର୍ଯ୍ୟକାରୀତା

3222 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କୃଷି ବିଭାଗ ଅଧୀନରେ ଥିବା, ସେରିକଲଚର ବିଭାଗର କାର୍ଯ୍ୟକାରିତା କଣ, ରାୟଗଡା ଜିଲ୍ଲା ତଥା ବିଷମକଟକ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଉକ୍ତ ବିଭାଗର ବ୍ଲକ ୱାରୀ କେଉଁଠି ଓ କେତୋଟି କାର୍ଯ୍ୟାଳୟ ରହିଛି । ଉକ୍ତ କାର୍ଯ୍ୟାଳୟ ଅଧୀନରେ କଣ ସବୁ ଯୋଜନା ରହିଛି ଏବଂ ବିଗତ ୧୦ ବର୍ଷ ମଧ୍ୟରେ କଣ ସବୁ ଯୋଜନା ବିଷମକଟକ ନିର୍ବାଚନ ମଣ୍ଡଳୀର ବିଭନ୍ନ ମଧ୍ୟରେ କରାଯାଇଛି, ସମୁଦାୟ କେତେ ଟଙ୍କା ଖର୍ଚ୍ଚ ହୋଇଛି, କେତେ ଜଣ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛନ୍ତି, କେଉଁଠି, କେଉଁ ହିତାଧିକାରୀଙ୍କୁ, କେତେ ଓ କେଉଁ ଯୋଜନା ରେ ଅନ୍ତର୍ଭୁକ୍ତ କରାଯାଇଛି, ସେହି ହିତାଧିକାରୀ ମାନଙ୍କ ବର୍ତ୍ତମାନ ସ୍ଥିତି କଣ, କେତେ ଟଙ୍କା ମୋଟ ଖର୍ଚ୍ଚ ହୋଇଛି, କେତେ ଟଙ୍କା ମଞ୍ଜୁର ହୋଇଥିଲା, କେତେ ପ୍ରକଳ୍ପ/ଯୋଜନା ସମ୍ପୂର୍ଣ ହୋଇଛି ?

----

## Contractual ଗାଡେନରଙ୍କୁ ରେଗୁଲାର ପାଇଁ ପଦକ୍ଷେପ

3223 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସ୍କୁଲ ଅଫ ହଟିକଲ୍ଚର ଖୋର୍ଦ୍ଧା ରେ ଥିବା ଟ୍ରେନିଂ କେନ୍ଦ୍ରରୁ ଯେଉଁ ୮ ଗୋଟି ବ୍ୟାଚ ଟ୍ରେନିଂ କରିଛନ୍ତି, ସେମାନଙ୍କ ମଧ୍ୟରୁ ଶେଷ ୭ ଟି ବ୍ୟାଚର ପିଲା ରେଗୁଲାର ଗାର୍ଡେନର ପୋଷ୍ଟିଂ ପାଇ ଥିବା ତଥ୍ୟ ଠିକ୍ ନା ଭୁଲ, ଯଦି ଠିକ୍ ଥାଏ, ତେବେ ସେମାନଙ୍କ ପରି ସମାନ ନିୟମ ଅନୁଯାୟୀ ଟ୍ରେନି ସମାପ୍ତ କରି ଶେଷ ବ୍ୟାଚ ( ୮ମ )ପିଲାମାନେ ବର୍ତ୍ତମାନ contractual ଗାର୍ଡେନର ଭାବରେ ୨୦୧୦ ମସିହାରୁ ହର୍ଟିକଲ୍ଚର ବିଭାଗରେ କାର୍ଯ୍ୟ କରୁ ଥିବା ତଥ୍ୟ ଠିକ୍ ନା ଭୁଲ, ଯଦି ଠିକ୍ ଥାଏ ତେବେ ଅନ୍ୟ ସମସ୍ତ ବ୍ୟା ଶେଷ ବ୍ୟାଚ୍ ( ୮ମ) ପିଲାଙ୍କୁ ୧୪ ବର୍ଷ ଚାକିରି କଲା ପରେ ମଧ୍ୟ ରେଗୁଲାର କରାଯାଉ ନଥିବାର କାରଣ କଣ, କେବେ ଏମାନଙ୍କୁ ରେଗୁଲାର କରିବା ପାଇଁ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## କ୍ଷୁଦ୍ର ମଧ୍ୟମ ଶିଳ୍ପର ତାଲିକା

3224 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ)ଃ**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବର୍ତ୍ତମାନ ସୁନ୍ଦରଗଡ ଜିଲ୍ଲାର କେତୋଟି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କେଉଁ କେଉଁ ଠାରେ କାର୍ଯ୍ୟକ୍ଷମ ଅଛି ତାର ତାଲିକା ଏବଂ ଠିକଣା ଦେବା ସହ ବନ୍ଦ ଥିବା ଶିଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ କି ପଦକ୍ଷେପ ନେଉଛନ୍ତି ?

----

## Vigilance Case ର ସ୍ଥିତି

3225 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖାଦ୍ୟ ଓ ଯୋଗାଣ ବିଭାଗ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ରାଜ୍ୟର ହଜାର ହଜାର ଲୋକଙ୍କୁ ସ୍ୱଳ୍ପ ଦରରେ ଖାଦ୍ୟ ସାମଗ୍ରୀ ଯୋଗାଉଥିବା ବେଳେ ଗତ ସରକାର ସମୟରେ ସୁନ୍ଦରଗଡ ଜିଲ୍ଲାରେ ନକଲି ଖାଉଟି ସାଜି ଖାଦ୍ୟ ସାମଗ୍ରୀ ସମେତ କରୋନା ସମୟରେ କେନ୍ଦ୍ର ସରକାର ଦେଇଥିବା ଅର୍ଥ ହଡପ ମଧ୍ୟ କରାଯାଇଥିଲା ଏ ସମ୍ବନ୍ଧରେ Vigilance Case ମଧ୍ୟ ହୋଇଥିଲା, ଏ Vigilance Case ର ବର୍ତ୍ତମାନର ସ୍ଥିତି କଣ ଜଣାଇବେ କି ?

----

## ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

3226 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Rourkela ଯୋଗାଣ ବିଭାଗ ଅଧିନରେ କେତେ ଜଣ ନକଲି ଖାଉଟି ଧରାପଡିଛନ୍ତି, ସେମାନଙ୍କ ବିରୁଦ୍ଧରେ ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଇଛି, ନକଲି ଖାଉଟି ମାନଙ୍କୁ ସ୍ୱୀକୃତି ଦେଇଥିବା ବିଭାଗୀୟ ଅଧିକାରୀ ମାନଙ୍କ ବିରୁଦ୍ଧରେ କି ପଦକ୍ଷେପ ନେଇଛନ୍ତି ?

----

## ନୂତନ କମ୍ପାନୀ ଖୋଲିବାର ପ୍ରସ୍ତାବ

3227 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବୟନ ଶିଳ୍ପ, ଟେକ୍ସଟାଇଲ ଓ handicraft ରେ ବର୍ତ୍ତମାନ ସୁଧା କେତେ ନିଯୁକ୍ତି ପ୍ରାପ୍ତ କର୍ମଚାରୀ ଅଛନ୍ତି ଓ କେଉଁ କେଉଁ ଜିଲ୍ଲା ମାନଙ୍କରେ ନୂତନ କମ୍ପାନୀ ଖୋଲିବାର ପ୍ରସ୍ତାବ ଅଛି ?

----

## କପା କମ୍ପାନୀକୁ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ

3228 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ କେଉଁ ବୟନ ଶିଳ୍ପ ସଂସ୍ଥା କାର୍ଯ୍ୟକ୍ଷମ ଅଛି ଓ କେତେ ସଂଖ୍ୟକ କର୍ମଚାରୀ କାର୍ଯ୍ୟରତ ଅଛନ୍ତି, ତାହାର ଏକ ଜିଲ୍ଲାୱାରୀ ତାଲିକା ଦେବେ କି ଏବଂ ସୁନାବେଢ଼ ବିଜ୍ଞାପିତ ଅଞ୍ଚଳରେ ଏକ କପା କମ୍ପାନୀ ବହୁ ଦିନ ଧରି କାର୍ଯ୍ୟକ୍ଷମ ନ ହେବା କାରଣ କଣ ଓ କେବେ ସୁଧା କାର୍ଯ୍ୟକାରୀ ହେବ ?

----

## ରାସନ କାର୍ଡ ଯାଞ୍ଚ କରିବାକୁ ପଦକ୍ଷେପ

3229 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସର୍ବମୋଟ ରାସନ କାର୍ଡଧାରୀଙ୍କ ସଂଖ୍ୟା କେତେ, ନୂତନ ବିବାହିତ ହୋଇଥିବା ପରିବାରକୁ ରାସନ କାର୍ଡ ଦିଆଯାଇନଥିବା ସତ୍ୟ କି ଓ ମିଥ୍ୟା ତଥ୍ୟ ଦେଇ ପାଇଥିବା ରାସନ କାର୍ଡକୁ ଯାଞ୍ଚ କରିବା ପାଇଁ କଣ କଣ କାର୍ଯ୍ୟାନୁଷ୍ଠାନ କରାଯାଇଛି ?

----

## ବୀମା କମ୍ପାନୀ ଠାରୁ କ୍ଷତିପୂରଣ ପାଇଥିବା ଚାଷୀ

3230 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ୨୦୨୩ - ୨୪ ବର୍ଷରେ ବାଲେଶ୍ୱର ଜିଲ୍ଲାର କେତେ ଜଣ ଚାଷୀ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ କେତେ ଜଣ କେତେ ଅର୍ଥ କ୍ଷତି ପୂରଣ ରୂପେ ବୀମା କମ୍ପାନୀ ଠାରୁ ପାଇଛନ୍ତି ତାହାର ବ୍ଲକୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଚାଷୀଙ୍କୁ କ୍ଷତି ପୂରଣ

3231 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବାଲେଶ୍ୱର ଜିଲ୍ଲାର କେତେ ସଂଖ୍ୟକ ଚାଷୀ ଅନ୍ତର୍ଭୁକ୍ତ ହୋଇଛନ୍ତି ଏବଂ ବିଗତ ବନ୍ୟା ଓ ବାତ୍ୟା ଯୋଗୁଁ କେତେ ସଂଖ୍ୟକ ଚାଷୀଙ୍କ ଚାଷ ଜମିରେ ଚାଷ କ୍ଷତିଗ୍ରସ୍ତ ହୋଇଛି, ସେମାନଙ୍କ ମଧ୍ୟରୁ କେତେ ଚାଷୀଙ୍କୁ ଏହି ଯୋଜନାରେ କେତେ କ୍ଷତିପୂରଣ ମିଳିବ ବା ମିଳିଛି ତାହାର ବ୍ଲକୱାରି ତଥ୍ୟ ପ୍ରଦାନ କରିବେ କି ?

----

## ଗ୍ରେନ୍ ଅନଲାଇନର ଏବଂ ପ୍ୟାଡି କ୍ଲିନର ମେସିନ ସ୍ଥାପନ

3232 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ବର୍ଷ ଜାରି ରହିଥିବା ଧାନ କିଣା ପ୍ରକ୍ରିୟାରେ କେତୋଟି ମଣ୍ଡିରେ ଗ୍ରେନ୍ ଅନାଲାଇଜର ଓ ପ୍ୟାଡି କ୍ଲିନର ମେସିନ ଲଗାଯାଇଛି ଏବଂ କେତୋଟି ମଣ୍ଡିରେ ଏହି ଦୁଇଟି ମେସିନ ନଥାଇ ଧାନ କିଣା ଯାଇଛି ରାଜ୍ୟର ସବୁଯାକ ମଣ୍ଡି ପାଇଁ ଏହି ଦୁଇଟି ମେସିନର ବ୍ୟବସ୍ଥା କରିଛନ୍ତି କି ?

----

## ଜଳ ଉତ୍ପାଦନ କେନ୍ଦ୍ରର ସଂଖ୍ୟା

3233 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତୋଟି ଜଳ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ରହିଛି ତନ୍ମଧ୍ୟରୁ କେତେ ପରିମାଣର ବିଦ୍ୟୁତ ଉତ୍ପାଦନ ହେଉଛି ଏହାର ପ୍ରକଳ୍ପୱାରୀ ତାଲିକା ଦେବା ସହିତ ଜଳ ବିଦ୍ୟୁତ କେନ୍ଦ୍ରରୁ ଉତ୍ପାଦିତ ବିଜୁଳି ଦର ୟୁନିଟ ପିଛା କେତେ ରହୁଛି ରାଜ୍ୟରେ କେବେ ଓ କେଉଁଠାରେ କେତୋଟି କ୍ଷୁଦ୍ର ଜଳ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା ଓ ଅଦ୍ୟାବଧି ସେଗୁଡ଼ିକର ଅବସ୍ଥା କଣ ?

----

## ବାଦ ପଡିଥିବା ଗ୍ରାମକୁ ବିଦ୍ୟୁତ ସଂଯୋଗ

3234 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବିଜୁ ଗ୍ରାମ ଜ୍ୟୋତି ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଅଦ୍ୟାବଧି ସିମୁଳିଆ ଓ ଖଇରା ବ୍ଲକରେ କେତୋଟି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ, ତାହା ଦୃଷ୍ଟିକୁ ଆସିଛି କି ଯଦି ହଁ ହୁଏ ତେବେ କେବେ ସୁଦ୍ଧା ବାଦ ପଡିଥିବା ଗ୍ରାମ ଗୁଡ଼ିକୁ ବିଦ୍ୟୁତ ସଂଯୋଗ କରାଇବେ ?

----

## ଫସଲ ବୀମା ସହାୟତାର ପରିମାଣ

3235 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚଳିତବର୍ଷ ପ୍ରକୃତିକ ବିପର୍ଯ୍ୟୟ ହେତୁ କେଉଁ କେଉଁ ଫସଲ କେତେ ପରିମାଣରେ ନଷ୍ଟ ହୋଇଛି ଏବଂ ଚାଷୀ ମାନଙ୍କୁ ଫସଲହାନୀ ବାବଦରେ କେତେ ଫସଲ ବିମା ସହାୟତା ପ୍ରଦାନ କରାଯାଇଛି ଓ ତାହାର ବ୍ଲକଓ୍ଵାରୀ ବିବରଣୀ ପ୍ରଦାନ କରିବେ କି, ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଚଳିତବର୍ଷ DANA ରେ କ୍ଷୟକ୍ଷତି ହୋଇଥିବା ଫସଲକୁ ଆକଳନ କରି ଚାଷୀ ମାନଙ୍କୁ ଫସଲ ବିମା ପ୍ରଦାନ ପାଇଁ ବ୍ୟବସ୍ଥା କରିବେ କି ?

----

## କାର୍ଯ୍ୟରତ ଥିବା manpower ସଂସ୍ଥା

3236 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ଵର)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

TPNODL ବାଲେଶ୍ଵରରେ ଚାକିରିର category ଅନୁଯାଇ କେତେଗୋଟି manpower ସଂସ୍ଥା କାର୍ଯ୍ୟରତ ଅଛି ଏବଂ କେତେ ଲୋକ କାମ କରୁଛନ୍ତି, ଉକ୍ତ ଠିକା ନିଯୁକ୍ତି କମ୍ପାନୀ ଗୁଡିକୁ କେଉଁ ମାଧ୍ୟମରେ ଚୟନ କରାଗଲା ଏବଂ କେଉଁ କମ୍ପାନୀର ଚୁକ୍ତିର ସମୟସୀମା କେବେ ସମାପ୍ତ ହେଉଛି, ସମୁଦାୟ କାର୍ଯ୍ୟରତ ଥିବା କର୍ମଚାରୀ ମାନଙ୍କ ମଧ୍ୟରୁ ବାଲେଶ୍ଵରର ସ୍ଥାନୀୟ ପିଲା କେତେ କାମ କରୁଛନ୍ତି, ସମସ୍ତ ଠିକା କମ୍ପାନୀର EPF ESIC position update report ସହ ଠିକା କମ୍ପାନୀ ଗୁଡିକ ହାତ ଗୁଞ୍ଜା ନେଇ ଚାକିରି ଦେଉଥିବା ଯେଉଁ ଅଭିଯୋଗ ଆସୁଛି ସେଥିପାଇଁ ଏକ special enquiry ସହ Audit କରାଇବେ କି, ଯଦି ନା ତାର କାରଣ କଣ ?

----

## LAMS ଓ PACSର ସ୍ଥିତାବସ୍ଥା

3237 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ଵର)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗତ ଆର୍ଥିକ ବର୍ଷରେ ଓଡ଼ିଶାରେ ନୂତନ ଭାବେ କେତେଗୋଟି ନୂତନ ସମବାୟ ସମିତି ମଞ୍ଜୁର ହୋଇଥିଲା, ଅନୁମୋଦିତ ହୋଇଥିବା LAMS ଓ PACSର ସ୍ଥିତାବସ୍ଥା କଣ ଏହି ମର୍ମରେ ବାଲେଶ୍ଵର ସଦର ନିର୍ବାଚନ ମଣ୍ଡଳୀରେ କେତେଗୋଟି ନୂତନ ସେବା ସମବାୟ ସମିତି ଅନୁମୋଦିତ ହୋଇଥିଲା ତାହାର ତଥ୍ୟ ଏବଂ ଅନୁମୋଦିତ ହୋଇଥିବା ସେବା ସମବାୟ ସମିତିର ବର୍ତ୍ତମାନର ସ୍ଥିତାବସ୍ଥା କଣ ?

----

## ରାସନ ଡିଲର ନିଯୁକ୍ତି

3238 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ଵର)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲେଶ୍ଵର ସଦର ନିର୍ବାଚନ ମଣ୍ଡଳୀରେ ରାସନ କାର୍ଡ ତୁଳନାରେ ରାସନ ଡିଲର ନିଯୁକ୍ତି କରାଯାଉନଥିବାର କରଣ କଣ, ନୂତନ ଡିଲର୍ ଆବଶ୍ୟକତା ଦୃଷ୍ଟିରେ ରଖି ଏହି ପାଇଁ Notification କରିବେ କି, ବର୍ତ୍ତମାନ ନୂତନ ଚୟନ ପାଇଁ କଣ ନିୟମାବଳୀ ରହିଛି କହିବେ କି ?

----

## ଧାନର F.A.Q. ର ମାନ ନିର୍ଦ୍ଧାରଣ

3239 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଚଳିତ ବର୍ଷ ଧାନକିଣ ପାଇଁ ବିଭାଗ ଦ୍ଵାରା ଲାଗୁ ହୋଇଥିବା ନିୟମ ଅନୁଶାରେ ଧାନର F.A.Q. ର ମାନ ନିର୍ଦ୍ଧାରଣ କରି ଧାନ କ୍ରୟ ହେବାର ଯୋଜନା ଅଛି କି ଏହାଦ୍ଵାରା F.A.Q. ଉପରେ ଧାରଣ ନ ଥିବା ଚାଷୀ ବିଶେଷ ଭାବେ ଅସୁବିଧାରେ ପଡିବାର ସଂଭାବନା ଅଛି, ଏହାକୁ ଦୂର କରିବା ନିମନ୍ତେ ଉତ୍ତରରେ କହିବେ କି ଯେମିତି ବିଭାଗ ଦ୍ଵାରା ଦୁଗ୍ଧ କ୍ରୟ ବେଳେ ତାର ମାନ ଅନୁଯାଇ ଚାଷୀ କୁ ତାର ପ୍ରାପ୍ୟମୂଲ୍ୟ ନିରୂପଣ କରି ପ୍ରଦାନ କରାଯାଇଥାଏ ଠିକ ସେହିପରି ଧାନର ମାନ ଅନୁଯାୟୀ ଚାଷୀଙ୍କୁ ତାଙ୍କ ମୂଲ୍ୟ ନିର୍ଦ୍ଧାରଣ କରି ଅର୍ଥ ପ୍ରଦାନ କରିବାର ବ୍ୟବସ୍ଥା କରିବେ କି ?

----

## ଫାଇନ ଆଦାୟର ମାନଦଣ୍ଡ

3240 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବର୍ତ୍ତମାନ ଟାଟା ପାୱାର ଦ୍ଵାରା ଜନସାଧାରଣଙ୍କ ଉପରୁ ମନଇଛା ଫାଇନ ଆଦାୟ କରିବା ଏକ ନୀତିଦିନିଆ କାର୍ଯ୍ୟରେ ପରିଣତ ହୋଇଗଲାଣି ଉକ୍ତ ଫାଇନ ଅଦାୟର କୌଣସି ମାନଦଣ୍ଡ ବି ସରକାରଙ୍କ ତରଫରୁ ସ୍ଥିର କରାଯାଇନାହିଁ ଫଳରେ ଲୋକେ ନାହିଁ ନ ଥିବା ଭାବେ ଟାଟା ପାୱାର ଦ୍ଵାରା ଗୋଷିତ ହେଉଛନ୍ତି, କିଏ ବି ନ୍ୟାୟ ପାଇଁ ଆଇନ ର ଆଗ୍ରୟ ନେବାକୁ ଚାହିଁଲେ କର୍ତ୍ତୃପକ୍ଷ କେଶ କୁ କୋର୍ଟ କୁ ପଠାଉନାହାନ୍ତି ଏବଂ ଲାଇନ ବିଚ୍ଛିନ୍ନ କରି ଟଙ୍କା ଆଦାୟ କରୁଛନ୍ତି, ଏହା ଉପରେ ଦୃଷ୍ଟିଦେଇ ଜନସାଧାରଣଙ୍କ ସ୍ଵାର୍ଥରକ୍ଷା ନିମନ୍ତେ କୌଣସି ବ୍ୟବସ୍ଥା କରିବେ କି, ଫଳରେ ଦୋଷ କରିଥିବା ଗ୍ରାହକ ସରକାରୀ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଫାଇନ କିମ୍ଵା ନ୍ୟାୟାଳୟ ନିର୍ଦ୍ଦେଶରେ ତାର ଫାଇନ ପ୍ରଦାନ କରିବେ ?

----

## ଲାଭଜନକ ଚାଷର ବିବରଣୀ

3241 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦେବଗଡ ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା ମୁଖ୍ୟ ଚାଷ ଧାନ ହେଲେ ମଧ୍ୟ ଆଉ କଣ କଣ ଲାଭ ଜନକ ଚାଷ ଜିଲ୍ଲାରେ ଚାଷ ହୋଇଥାଏ ତାର ବିବରଣୀ ପ୍ରଦାନ କରିବେ କି, ଏବଂ ଲାଭ ଜନକ ଚାଷରୁ ଉତ୍ପାଦିତ ଦ୍ରବ୍ୟର ବିକ୍ରି ପାଇଁ କୃଷି ବିଭାଗ ତରଫରୁ କେଉଁ ଦ୍ରବ୍ୟ ପାଇଁ କଣ ବ୍ୟବସ୍ଥା କରାଯାଇଅଛି ?

----

## Co-operative board ନୂତନ କମିଟି ଗଠନ

3242 **ଶ୍ରୀ ଗୌରୀ ଶଙ୍କର ମାଝୀ (ନବରଙ୍ଗପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Co-operative board ନୂତନ କମିଟି ଗଠନ ଅଗ୍ରଗତି କଣ ?

----

## Co-operative Bank ଆରମ୍ଭ ପାଇଁ ଯୋଜନା

3243 **ଶ୍ରୀ ଗୌରୀ ଶଙ୍କର ମାଝୀ (ନବରଙ୍ଗପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ Co-operative Bank ଆରମ୍ଭ କରିବା ପାଇଁ ଯୋଜନାର ଅଗ୍ରଗତି କଣ ?

----

## KCCB ବ୍ୟାଙ୍କ ଆରମ୍ଭ

3244 **ଶ୍ରୀ ଗୌରୀ ଶଙ୍କର ମାଝୀ (ନବରଙ୍ଗପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପ୍ରତ୍ୟେକ ବ୍ଲକ୍ ରେ KCCB ବ୍ୟାଙ୍କ ଆରମ୍ଭ କରିବାର ନିଷ୍ପତ୍ତିର ଅଗ୍ରଗତି କଣ ?

----

## କୃଷି ଋଣ ପ୍ରଦାନ

3245 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତେ ଚାଷୀଙ୍କୁ (ନାମମାତ୍ର ଚାଷୀ, କ୍ଷୁଦ୍ର ଚାଷୀ ଓ ଭାଗ ଚାଷୀଙ୍କୁ) କେତେ ପରିମାଣରେ ସମବାୟ ଓ କୃଷି ଋଣ ପ୍ରଦାନ କରାଯାଇଛି ଚଳିତ ଆର୍ଥିକ ବର୍ଷରେ ଚାଷୀମାନଙ୍କର ସଂଖ୍ୟା ଓ ଋଣ ପରିମାଣ ସହ ବ୍ଲକୱାରୀ, ପ୍ୟାକ୍ସ (PACS) ୱାରୀ ଓ Society ୱାରୀ ତାଲିକା ପ୍ରଦାନ କରିବେ କି, ସେହିପରି ଚାଷୀମାନଙ୍କର ଦ୍ଵାରା ଉତ୍ପାଦିତ ଫସଲକୁ ବଜାର ବ୍ୟବସ୍ଥା ଓ ଆସ୍ତେ ଆସ୍ତେ ବଜାରକୁ ଛାଡିବା ପାଇଁ ସଂରକ୍ଷଣ ଦରକାର ପଡୁଥିବାରୁ ସରକାର କେତୋଟି, କେତେ ଟନର ଗଚ୍ଛିତ ରଖିବା ଭଳି Cold Storage କେଉଁ କେଉଁଠାରେ କରିବାକୁ ଯାଉଛନ୍ତି ?

----

## ଯୋଗାଣ ସହାୟକଙ୍କୁ ଦରମା ବୃଦ୍ଧି

3246 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଥିବା ସମସ୍ତ ଯୋଗାଣ ସହାୟକ ମାନଙ୍କୁ ଦିଆଯାଉଥିବା ଦରମା ବୃଦ୍ଧି କରିବା ପାଇଁ ସ୍ୱାଧୀନ ବାବେ PDS Account ଙ୍କ Operation ପାଇଁ ସେମାନଙ୍କ ନିଯୁକ୍ତି ରେଗୁଲାର କରିବା ପାଇଁ ଓ ମୃତ୍ୟୁ (Duty Period) ହେଲେ ଅନୁକମ୍ପାମୂଳକ ରାଶି ପ୍ରଦାନ କରିବା ପାଇଁ ମହିଳା ଯୋଗାଣ ସହାୟିକାଙ୍କ Maternity Leave ଦେବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ହସ୍ତଶିଳ୍ପ ମାଧ୍ୟମରେ ଆତ୍ମନିଯୁକ୍ତି

3247 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୟାଗଡ ଜିଲ୍ଲାରେ ହସ୍ତଶିଳ୍ପ ମାଧ୍ୟମରେ ଅଧିକ ସଂଖ୍ୟକ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ ସରକାରଙ୍କର କି ପ୍ରସ୍ତାବ ରହିଛି ଓ ଏ ଦିଗରେ କି ପଦକ୍ଷେପ ନିଆଯାଉଛି ?

----

## ପଠାଣୀସାମନ୍ତ ପ୍ଲାନେଟୋରିୟମର ସମ୍ପ୍ରସାରଣ

3248 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପଠାଣୀସାମନ୍ତ ପ୍ଲାନେଟୋରିୟମର ଆଧୁନିକରଣ ଓ ସମ୍ପ୍ରସାରଣ ନିମନ୍ତେ ସରକାରଙ୍କର ପ୍ରସ୍ତାବ ଥିଲେ ତାର କାର୍ଯ୍ୟକାରିତା ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ହସ୍ତତନ୍ତ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ

3249 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ ପାଞ୍ଚଟି ଆର୍ଥିକ ବର୍ଷରେ ବଡ଼ଚଣା ବ୍ଲକରେ ହ୍ୟାଣ୍ଡଲୁମ୍, ଟେକ୍ସଟାଇଲ୍ ଏବଂ ହସ୍ତତନ୍ତ । କ୍ଷେତ୍ରର ଉନ୍ନତି ଆଣିବା ପାଇଁ କଣ ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯାଇଛି ଓ କେତେ ଅର୍ଥ ଆବଣ୍ଟନ ହୋଇଛି, ତାହର ତଥ୍ୟ ଆର୍ଥିକ ବର୍ଷ ୱାରୀ ପ୍ରଦାନ କରିବେ କି, ଏହି ଅବଧି ପୂର୍ବରୁ ବଡ଼ଚଣାର କାରିଗର ଓ ବୁଣାକାରଙ୍କ ସଂଖ୍ୟା କେତେ ଥିଲା, ଏହା ପରେ କାରିଗର ଓ ବୁଣାକାରଙ୍କ କୌଶଳ ଓ ଜୀବିକାରେ ଉନ୍ନତି ଆସିଛି କି ଓ ସେମାନଙ୍କ ସଂଖ୍ୟା ବୃଦ୍ଧି ଘଟିଛି କି, ଯଦି ହଁ, ଏବେ କାରିଗର ଓ ବୁଣାକାରଙ୍କ ସଂଖ୍ୟା କେତେ ?

----

## ମାର୍ଗଦର୍ଶିକା ପ୍ରଣୟନ

3250 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୂତନ PACS ଗୁଡିକର କାର୍ଯ୍ୟାଳୟ ନିର୍ମାଣ ପାଇଁ, ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ପ୍ରବର୍ତ୍ତନ କରାଯାଇଛି କି, ଯଦି ଅଛି, ତାହାର ଏକ ବିବରଣୀ ପ୍ରଦାନ କରିବେ କି, ଯଦି ନାହିଁ-ମାର୍ଗଦର୍ଶିକା ନଥିବା କାରଣରୁ PACS କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ସଂପୃକ୍ତ PACS ଅଧୀନରେ ଆସୁଥିବା ଗାଁ ଗୁଡିକ ମଧ୍ୟରେ ବିବାଦ ଘଟଣା, ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ହଁ, ତାହେଲେ ଏହାର ସମାଧାନ ନିମନ୍ତେ ନିର୍ଦିଷ୍ଟ ମାର୍ଗଦର୍ଶିକା କେବେ ସୁଦ୍ଧା ପ୍ରଣୟନ କରିବେ ?

----

## ଦରବୃଦ୍ଧି ନିୟନ୍ତ୍ରଣ ପାଇଁ ପଦକ୍ଷେପ

3251 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବର୍ତ୍ତମାନ ରାଜ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ପଦାର୍ଥ ପିଆଜର ଦରବୃଦ୍ଧି ସାଧାରଣ ଖାଉଟିଙ୍କୁ କଲବଲ କରୁଥିବାବେଳେ ଏହାକୁ ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାର କଣ ପଦକ୍ଷେପ ନେଉଛନ୍ତି ?

----

## ହିତାଧିକାରୀଙ୍କୁ ସାମଗ୍ରୀ ବଣ୍ଟନ

3252 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ଜିଲ୍ଲା କୃଷି ବିଭାଗ ପକ୍ଷରୁ ଗତ ୩ ବର୍ଷ ମଧ୍ୟରେ କେଉଁ କେଉଁ କୃଷି ଯନ୍ତ୍ରପାତି,ବିହନ ଏବଂ ଅନ୍ୟାନ୍ୟ ସାମଗ୍ରୀ ଆଦି କେତେ ପରିମାଣରେ କେଉଁ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଇଅଛି ତାହାର ଏକ ବ୍ଲକ ୱାରୀ ବିବରଣୀ ପ୍ରଦାନ କରିବେ କି ?

----

## Street Light ବ୍ୟବସ୍ଥା

3253 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ଜିଲ୍ଲା ବନମାଳୀପୁର ସ୍ଥିତ ଭଁରାଗଡ ଗ୍ରାମରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ମନ୍ଦିର ରାସ୍ତାରୁ କୁଣ୍ଡେଇମୁହାଁ ବ୍ରୀଜ ଏବଂ Electric Pole No.- LT 1432-35/17/7 ସମ୍ପୂର୍ଣ୍ଣ ଅନ୍ଧାର ଥିବା ହେତୁ ଜନସାଧାରଣଙ୍କୁ ଯାତାୟତରେ ଘୋର ବ୍ୟାଘାତ ସୃଷ୍ଟି ହେଉଥିବା ସରକାରଙ୍କ ନଜରରେ ଅଛି କି, ଉତ୍ତର ନାଁ ହେଲେ ତୁରନ୍ତ Electric Pole ପକାଇ କେବେସୁଦ୍ଧା କାର୍ଯ୍ୟକାରୀ କରାଇବେ ?

----

## ବିହନ ଓ କୀଟନାଶକ ଯୋଗାଣ

3254 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଗତଗ 2023-24 ଓ ଚଳିତ ଆର୍ଥିକ ବର୍ଷରେ ଖରିଫ ଓ ରବି ଫସଲ ପାଇଁ ମାଗଣାରେ କେଉଁ କେଉଁ ବିହନ ଓ ସାର, କୀଟନାଶକ ଔଷଧ କେଉଁ କେଉଁ ପଞ୍ଚାୟତକୁ କେତେ ପରିମାଣରେ କେତେଜଣ ଚାଷୀଙ୍କୁ ପ୍ରଦାନ କରାଯାଇଛି, ଏହି ବାବଦକୁ କେତେ ଅର୍ଥ ଖର୍ଚ୍ଚ କରାଯାଇ କେତେଜଣ ଚାଷୀ ଉପକୃତ ହୋଇଛନ୍ତି ତା'ର ବ୍ଲକୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ସହାୟତା ରାଶି ପ୍ରଦାନ

3255 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବୁଣାକାର ସମବାୟ ସମିତି ମନଙ୍କୁ ପୂର୍ବରୁ ରାଜ୍ୟ ସରକାର ଦେଉଥିବା Marketing Development Assistance ବନ୍ଦ ହୋଇଥିବା ଯୋଗୁଁ ହସ୍ତତନ୍ତ ସମବାୟ ସମିତି ମାନଙ୍କର ବିକ୍ରି ବାଧାପ୍ରାପ୍ତ ହୋଉଥିବା ଯୋଗୁଁ ସମବାୟ ସମିତି ଗୁଡିକର ଆର୍ଥିକ କ୍ଷତି ହେଉଥିବା ସତ୍ୟ ଅଟେ କି, ଏହି ସହାୟତା ରାଶି ପୁନଃ ପ୍ରଚଳନ କରିବା ପାଇଁ ରାଜ୍ୟ ସରକାର ବିଚାର କରିବେ କି ?

----

**ACMPCS ର ଜମି ବିକ୍ରୀ**

3256 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆସିକା ସ୍ଥିତ ବହୁ ପୁରାତନ ACMPCS ର ସରକାରୀ ଜମିକୁ କେଉଁ କେଉଁ ବ୍ୟକ୍ତି ବିଶେଷକୁ ଏବଂ କେଉଁ ଆଧାରରେ ସରକାରୀ ଜମିକୁ ଲିଜ୍ ସୂତ୍ରରେ ଦିଆଯାଇଅଛି, ଏହି ଜମିକୁ ଲିଜ୍ ଦେବାପାଇଁ କେଉଁ ନିୟମ ପାଳନ କରାଯାଇଅଛି ?

----